

କୋରେଇ ଥାନା ମୀନାବଜାର ଛକ ନିକଟରେ ଶନିବାର ବ୍ୟାସନଗର ତହସିଲଦାର ପ୍ରଶାନ୍ତ ପଣ୍ଡାଙ୍କ ଉପରକୁ ଟ୍ରାକ୍ଟର ଚଢ଼ାଇ ଦେବାପରେ ଜବତ ହୋଇଥିବା ଟ୍ରାକ୍ଟର ଓ ଜେସିବି।



ଟ୍ରାକ୍ଟର ଚଢ଼ିଯିବାରୁ ଗୁରୁତର ହୋଇଥିବା ତହସିଲଦାରଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଟୁଛନ୍ତି କୋରେଇ ବିଧାୟକ ଆକାଶ ଦାସନାୟକ।

# ଜଳଗମନ କଲେ ନାରାୟଣ ଗୋସାଇଁ

## ସରିଲା ସିଂହାପୁର ଯାତ୍ରା

**ରସୁଲପୁର,୧୮।୪(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅଧୀନ ସିଂହାପୁରଠାରେ ୪ ଦିନ ଧରି ଚାଲିଥିବା ପ୍ରଭୁ ନାରାୟଣ ଗୋସାଇଁଙ୍କ ଐତିହାସିକ ସିଙ୍ଗାପୁର ଯାତ୍ରା ଶେଷ ହୋଇଯାଇଛି। ପ୍ରଭୁ ଶ୍ରଦ୍ଧାଳୁଙ୍କୁ ସ୍ଥଳଦେଶ ମନ୍ଦିରରେ ଦର୍ଶନ ଦେଲାପରେ ଶନିବାର ସକାଳ ୭ଟା୩୫ରେ ନିକଟ ମଧୁତୀର୍ଥପୁଷ୍କରିଣୀଜଳକୁଗମନ କରିଛନ୍ତି। ସ୍ଥଳ ଦେଶ ପୂଜା ସମୟରେ ମହାପ୍ରଭୁଙ୍କୁ ୧୩ ବେଶରେ ଭୂଷିତ କରାଯାଇଥିଲା। ଜଳଗମନ ପୂର୍ବରୁ ପ୍ରତ୍ୟୁଷରୁ ବିଧିମୁତାବକ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇଥିଲା। ମଧୁପୁରଗଡ଼ଜାତ ରାଜପରିବାରର ଦାୟାଦ ଅପର୍ଣ୍ଣା ଧୀରସିଂ ଭରଦ୍ୱାଜ ପୁଷ୍ପାଞ୍ଜଳି ଦେଲାପରେ ପ୍ରଭୁଙ୍କୁ ସିଂହାସନରୁ ଅବତରଣ କରାଯାଇଥିଲା। ପୂଜାପଣ୍ଡା ଦୀପ୍ତିନାରାୟଣ ଶତପଥୀ, ଅଣାକାର ଦାସ, ନାରାୟଣ ଶତପଥୀ, ରାଜପୁରୋହିତ ନୀଳାମ୍ବର ପତି, ଶ୍ରୀନିବାସ ପଣ୍ଡା, ଯୋଗେନ୍ଦ୍ର ପାଢ଼ୀ, ବିକାଶ ପଣ୍ଡା, ହୃଦରଞ୍ଜନ ଶତପଥୀ, ଗୋଖାନ ପଣ୍ଡା, ପାଗଳ ପଣ୍ଡା, ସତ୍ୟାନନ୍ଦ ପଣ୍ଡା, ହେମନ୍ତ ମିଶ୍ର ପ୍ରମୁଖ ନାରାୟଣ ଗୋସାଇଁଙ୍କୁ ପହଣ୍ଡିଯାତ୍ରାରେ ମଧୁତୀର୍ଥ ପୁଷ୍କରିଣୀର ପୂର୍ବ ପାବଚ୍ଛରେ ପହଞ୍ଚାଇଥିଲେ। ପାବଚ୍ଛରେ ଶେଷ ପୂଜାର୍ଚ୍ଚନା ପରେ ପ୍ରଭୁଙ୍କୁ ମେଲାଣି ଦିଆଯାଇଥିଲା। ଏହି ସମୟରେ ପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ ଏକ ସୁସଜ୍ଜିତ ବିମାନରେ ଆସି ପୁଷ୍କରିଣୀ ନିକଟରେ ବିଦ୍ୟମାନ ହୋଇଥିଲେ। ହଜାରହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଜଳଗମନ ଦୃଶ୍ୟ ଦେଖି ଆତ୍ମବିଭୋର ହୋଇଥିଲେ। ଚଳିତ ବର୍ଷ ମହାପ୍ରଭୁ ମନ୍ଦିରରେ ୩ଦିନ ବଦଳରେ ୪ଦିନ ପୂଜା ପାଇଥିଲେ। ଏହା ପରମ୍ପରା ବିରୋଧୀ ବୋଲି ଅନେକେ ମତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସିଂହାପୁର ଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ଭିଷ୍ମପ୍ରସାଦ ରଥଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରତି ଶହେ ବର୍ଷରେ ପରମ୍ପରା ବଦଳା ଯାଇପାରିବ। ମନ୍ଦିରର ସୁତ୍ତୁ ଲିପିରେ ରହିଥିବା ନିୟମ ଆଧାରରେ ଏଭଳି କରାଯାଇଛି।



ନାରାୟଣ ଗୋସାଇଁ।

# ପାଦୁକା ପତ୍ରିକାର ୭ମ ସଂସ୍କରଣ ଉନ୍ମୋଚିତ

**ଜେନାପୁର,୧୮।୪(ଅଶୋକ ଦାସ):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କଠଉଣୀମଠ ପରିସରରେ ମା' ବାଘୁଆ ବ୍ରାହ୍ମଣୀ ଦେବୀ ସାହିତ୍ୟ ସଂସଦର ମୁଖପତ୍ର 'ପାଦୁକା'ର ୭ମ ସଂସ୍କରଣ ଉନ୍ମୋଚନ କରାଯାଇଛି। ଏଥିସହିତ ଏକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଶିକ୍ଷା ନିରୀକ୍ଷକ ଗାନ୍ଧୀୟାନ ରାମଚନ୍ଦ୍ର ଶୁକ୍ଳ, ମୁଖ୍ୟବକ୍ତାଭାବେ ବ୍ରହ୍ମବରଦା ମହାବିଦ୍ୟାଳୟ ଅଧ୍ୟାପକ ପ୍ରଶାନ୍ତ ସାହୁ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ପ୍ରକାଶ ନାୟକଙ୍କ ସଂଯୋଜନାରେ ମୁକୁନ୍ଦ ପାତ୍ର ମହାବିଦ୍ୟାଳୟ ଅଧ୍ୟାପିକା ସୁପ୍ରଭା ଖଟୁଆ, ଲେଖିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ ଯୋଗଦେଇ କବିତା ଆସରକୁ ପରିଚାଳନା କରିଥିଲେ।

ଦ୍ୱିତୀୟ ଅଧିବେଶନରେ ପତ୍ରିକା ଉନ୍ମୋଚନ ସହିତ ଏକ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନର ଉଦ୍‌ଘାଟକ ଭାବେ ସାମାଜିକ କର୍ମୀ ମିନତି ସାହୁ, ମୁଖ୍ୟ ଅତିଥିଭାବେ ଶରୀର ଅଙ୍ଗଦାନ ସମିତି ଅଧ୍ୟକ୍ଷ ପ୍ରଭାଶ ଆଚାର୍ଯ୍ୟ, ମୁଖ୍ୟବକ୍ତାଭାବେ ବ୍ୟଙ୍ଗକବି ଜ୍ଞାନ ହୋତା, ସମ୍ମାନିତ ଅତିଥି ଭାବେ ବ୍ୟଙ୍ଗକବି ଧର୍ମଛଡ଼ା ଓ ଅନିଲ ସାହୁ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କବି, କୃତି ଛାତ୍ରୀଛାତ୍ର, ସାମାଜିକ କର୍ମୀ, ଖବରଦାତାଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ପାଦୁକା ପତ୍ରିକାର ସମ୍ପାଦକ କାହ୍ନୁଚରଣ ସାହୁ ଧନ୍ୟବାଦ ଦେଇଥିଲେ।



ଅତିଥି ପତ୍ରିକା ଉନ୍ମୋଚନ କରୁଛନ୍ତି।

# ହତ୍ୟା ଘଟଣାରେ ଆଉ ୨ ଅଭିଯୁକ୍ତ ଗିରଫ

**ଧର୍ମଶାଳା/କାଏମା,୧୮।୪(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ଥାନା ଅନ୍ତର୍ଗତ ଦେଓଦା ଗ୍ରାମରେ ଜଣେ ଯୁବକଙ୍କୁ ହତ୍ୟା ଘଟଣାରେ ଶନିବାର ଆଉ ୨ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଦେଓଦା ଗ୍ରାମର ନିର୍ମଳ ମଲିକ(୨୦) ଓ ହଳଦୀପଡ଼ା ଗ୍ରାମର ପବିତ୍ର ମଲିକ(୨୪)। ପୋଲିସ ଗତ ୧୩ ତାରିଖରେ ଏହି ଘଟଣାରେ ଦେଓଦା ଗ୍ରାମର ଗୋଲକ ମଲିକ (୪୮)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଦେଓଦା ଗ୍ରାମର ଦଳିତସାହିରେ ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ମାର୍ଚ୍ଚ ୧୩ରେ ଗଣ୍ଡଗୋଳ ଘଟିଥିଲା। ଏହି ଗଣ୍ଡଗୋଳରେ ପ୍ରଶାନ୍ତ ମଲିକ(୨୩) ଗୁରୁତର ହୋଇଥିଲେ। ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଯୁବକଙ୍କ ପରିବାର ପକ୍ଷରୁ ମାର୍ଚ୍ଚ ୨୦ରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୧୧୯/୨୬ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଗତ ଏପ୍ରିଲ ୧୧ରେ କଟକରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରଶାନ୍ତଙ୍କ ମୃତ୍ୟୁ ହୋଇଥିଲା। ହତ୍ୟା ଘଟଣାରେ ପ୍ରଥମେ ପୋଲିସ ଗୋଲକଙ୍କୁ ଗିରଫ କରିଥିଲା। ପରେ ନିର୍ମଳ ଓ ପବିତ୍ରଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

# କାଳିଆପାଣି ଥାନା ପକ୍ଷରୁ ଏଟିଏମ୍ ଛକରେ ଜଳଛତ୍ର



**କାଳିଆପାଣି,୧୮।୪(ଅସିତ ମହାନ୍ତ):**

କାଳିଆପାଣି ଖଣି ଅଞ୍ଚଳର ଗାଁସୋଳ ପଞ୍ଚାୟତ ଅନ୍ତର୍ଗତ ଟାଟା ମାର୍କେଟ ଏଟିଏମ୍ ଛକଠାରେ ଶନିବାର କାଳିଆପାଣି ଥାନା ପକ୍ଷରୁ ପଥଚାରୀଙ୍କ ପାଇଁ ଏକ ଜଳଛତ୍ର ଖୋଲାଯାଇଛି। ଖଣି ଅଞ୍ଚଳକୁ ଆସୁଥିବା ଲୋକଙ୍କ ସୁବିଧା ନିମନ୍ତେ ଏହି ବ୍ୟବସ୍ଥା କରାଯାଇଛି। ଥାନା ଅଧିକାରୀ ପ୍ରକାଶ ପ୍ରଧାନ ଏହାକୁ ଉଦ୍‌ଘାଟନ କରି ଲୋକଙ୍କୁ ଦହି ପାଣି ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମରେ ଥାନା କନଷ୍ଟେବଳ ପୂର୍ଣ୍ଣଚନ୍ଦ୍ର ସାହୁ, ଲକ୍ଷୀ ମୁଣ୍ଡା, ହୋମଗାର୍ଡ ବିଜୟ ଦେହୁରୀ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।



**ବୋମା ପକାଇ ବରାଳ ବାଲୁଙ୍କେଶ୍ୱର ମନ୍ଦିର ଉଡ଼ାଇଦେବାକୁ ଧମକ**

**ସାକ୍ଷୀଗୋପାଳ,(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ):** ପୁରୀ ଜିଲା ସତ୍ୟବାଦୀ ଥାନା ଅଧୀନ ବରାଳ ଗ୍ରାମର ପ୍ରସିଦ୍ଧ ଶୈବପୀଠ ବରାଳ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିରକୁ ବୋମା ପକାଇ ଉଡ଼ାଇ ଦେବାକୁ ଧମକ ମିଳିଛି। ମନ୍ଦିର ସୁରକ୍ଷା ପାଇଁ ଫୋନ୍ ପେ ମାଧମରେ ୫୦ ଲକ୍ଷ ଟଙ୍କା ଦାବି କରାଯାଇ ଏହି ଧମକ ଦିଆଯାଇଛି। ଏ ନେଇ ଶନିବାର ମନ୍ଦିର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତି କେନ୍ଦ୍ରାପଡ଼ାର ପ୍ରତୀକ ମିଶ୍ରଙ୍କୁ ଚିହ୍ନଟ କରିଛି। ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ସୌମ୍ୟରଞ୍ଜନ ମହାଳିକ କହିଛନ୍ତି। ଅଭିଯୁକ୍ତ ପୂର୍ବରୁ ଏଭଳି ମିଥ୍ୟା ଧମକପୂର୍ଣ୍ଣ ମେସେଜ ପଠାଇ ଗିରଫ ହୋଇଥିଲେ ବୋଲି ମହାଳିକ ସୂଚନା ଦେଇଛନ୍ତି।

# ବଢୁଛି ଗ୍ୟାସ୍ ଚୋରା ଚାଲାଣ, ଅସୁରକ୍ଷିତ କର୍ମଚାରୀ

## ମୃତ୍ୟୁ ପରେ ଉତ୍ତରଦାୟିତ୍ୱକୁ ନେଇ ପ୍ରଶ୍ନ

ଜଗତ୍‌ସିଂହପୁର, ୧୮।୪ (ପ୍ରମୋଦ କୁମାର ନାୟକ)

ଆମେରିକା-ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ହୋଇଥିବା ଯୁଦ୍ଧ ଭିତରେ ତୈଳ ଓ ଗ୍ୟାସ ସଙ୍କଟକୁ ଦୃଷ୍ଟିରେ ରଖି ଭାରତ ସରକାର ଗ୍ୟାସ ଯୋଗାଣରେ କେତେକ କଟକଣା ଲଗାଇଛନ୍ତି। ଏଥିଯୋଗୁ ଖାଉଟି ଗୋଟିଏ ଗ୍ୟାସ୍ ସିଲିଣ୍ଡର ପାଇବାର ୪୫ ଦିନ ଭିତରେ ପୁଣି ଗୋଟେ ପାଇଁ ବୁକିଂ କରିବାକୁ ଚାହିଁଲେ ସମ୍ଭବ ହେଉନାହିଁ। ଏହାର ସୁଯୋଗରେ ଗ୍ୟାସ୍ ଚୋରା ଚାଲାଣ ଚାଲିଛି। ଅନେକ ଗ୍ୟାସ୍ ଡିଲର ପୂର୍ବାପେକ୍ଷା ଅଧିକ କଳାବଜାର କରି ମାଲାମାଲ ହେଉଛନ୍ତି। ସରକାରୀ କର୍ମଚାରୀମାନେ ସବୁ ଜାଣି ମଧ୍ୟ ନୀରବ ରହୁଛନ୍ତି। ଡିଲରମାନେ ଏହାଦ୍ୱାରା ଲାଭାନ୍ୱିତ ହେଉଥିବାବେଳେ ଖରା, ବର୍ଷା, ଶୀତରେ ଖାଉଟି ଓ ବ୍ୟବସାୟୀମାନଙ୍କ ପାଖରେ ନାନା ପ୍ରତିବନ୍ଧକ ସତ୍ତ୍ୱେ ସୁରକ୍ଷିତ ଭାବେ ଗ୍ୟାସ ଟାଙ୍କି ପହଞ୍ଚାଉଥିବା ଲୋକମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆ ନ ଯିବା ଚିନ୍ତାର କାରଣ ହୋଇଛି।

ଜଗତ୍‌ସିଂହପୁର ଜିଲାରେ ବିଭିନ୍ନ କମ୍ପାନୀର ବହୁ ସଂଖ୍ୟକ ଡିଲର ଗ୍ୟାସ ଯୋଗାଣ କରୁଛନ୍ତି। ସରକାରୀ ନିୟମ ଅନୁଯାୟୀ ଗ୍ୟାସ୍ ବୁକିଂ କଲାପରେ ଡିଲର ସ୍ଥିରୀକୃତ ଦରରେ ଖାଉଟି ଓ ବ୍ୟବସାୟୀଙ୍କୁ ସୁରକ୍ଷିତ ଭାବେ ଗ୍ୟାସ୍ ପହଞ୍ଚାଇବା କଥା। କିନ୍ତୁ ଡିଲରମାନେ ଘରେ କିମ୍ବା ବ୍ୟବସାୟ ପ୍ରତିଷ୍ଠାନରେ ପହଞ୍ଚାଇବା ପାଇଁ ବଳକା ପରିବହନ ଖର୍ଚ୍ଚ ଦାବି କରୁଛନ୍ତି, ଯାହା ବେଆଇନ। କେବଳ ଏତିକି ନୁହେଁ, ଗ୍ୟାସ ପହଞ୍ଚାଇଲା ବେଳେ ଓଜନ କରି ଖାଉଟିଙ୍କୁ ଓଜନରେ ଠକେଇ ହେଉ ନ ଥିବା ପ୍ରମାଣ ଦେବା କଥା। ଯାହା ହେଉନାହିଁ। ଏବେ ଯୁଦ୍ଧ ଯୋଗୁ ଗ୍ୟାସ ଅଭାବଜନିତ ସଙ୍କଟକୁ ନେଇ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ତାହା ଡିଲର ଓ କେତେଜଣ ଅସାଧୁ ସରକାରୀ କର୍ମଚାରୀଙ୍କୁ ବେଶ୍ ସୁହାଇଛି। ଯେହେତୁ ଲୋକେ ଗ୍ୟାସ ପାଇଁ ଡିଲରଙ୍କ ଗୋଦାମ ନିକଟରେ ଧାଡି ଲଗାଉଛନ୍ତି ତେଣୁ ପରିସ୍ଥିତି ଭିନ୍ନ ମୋଡ ନେଉଛି। ଗ୍ୟାସ ନ ଥିବା କହି କଳାବଜାରକୁ ପ୍ରୋତ୍ସାହିତ ଦିଆଯାଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଗ୍ୟାସ ଯୋଗାଣରେ ନିୟୋଜିତ ଶ୍ରମିକମାନେ ପୂର୍ବପରି ଅସୁରକ୍ଷିତ ଭାବେ କାମ କରି ଚାଲିଛନ୍ତି। ଏବେ ପ୍ରବଳ ଖରାରେ ସାଧାରଣ ଜୀବନ, ଯାତ୍ରା ବ୍ୟାହତ ହେଉଥିବାବେଳେ ଏହି ଲୋକମାନେ କିନ୍ତୁ ସେବାରେ ନିୟୋଜିତ ରହୁଛନ୍ତି। ହେଲେ କାମରେ ନିୟୋଜିତ ଥିବାବେଳେ ସେମାନଙ୍କ ଉତ୍ତରଦାୟିତ୍ୱ କାହାର ତାହା ସାର୍ବଜନୀନ ହେଉନାହିଁ। ଏଭଳିସ୍ଥିତିରେ ସେମାନଙ୍କର କିଛି ହୋଇଗଲେ ଅର୍ଥାତ୍ ମୃତାହତ ହେଲେ ଏଥିପାଇଁ କିଏ ଦାୟୀ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ କେତେଜଣ ବୁଦ୍ଧିଜିବୀ ପ୍ରତିକ୍ରିୟାରେ କହିଛନ୍ତି ଘରେ ଘରେ ଗ୍ୟାସ ପହଞ୍ଚାଉଥିବା ଲୋକମାନଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନୁହେଁ। ସେମାନେ ଦିନ, ରାତି ଖଟି ଯାହା କିଛି ଅର୍ଥ ରୋଜଗାର କରିଥାନ୍ତି, ସେଥିରେ କଷ୍ଟେମଷ୍ଟେ ସେମାନଙ୍କ ପରିବାର ଚଳେ। ଏଣୁ ଗ୍ୟାସ ପହଞ୍ଚାଇବା କାମରେ ନିୟୋଜିତ ଥିବାବେଳେ ଯଦି କେହି ମୃତାହତ ହୋଇଯାନ୍ତି ସେତେବେଳେ ଡିଲର ଏହି ବ୍ୟକ୍ତିଙ୍କୁ ସହାୟତାର ହାତ ବଢାଇବା କଥା। କିନ୍ତୁ ଜିଲାରେ ତାର ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ଏହାର ଦୃଷ୍ଟାନ୍ତ ଶନିବାର ନାଉଗାଁ ଥାନା ଅନ୍ତର୍ଗତ ମୁଣ୍ଡାଳ ବଜାରରେ ଦେଖିବାକୁ ମିଳିଛି। ନିଆଳି ଥାନା ସିଠାଲୋ ସୁଆଁଲୋ ଗ୍ରାମର ହିମାଂଶୁ ଶେଖର ରାଉତ (୫୦) ମୁଣ୍ଡାଳ ବଜାର ନିକଟସ୍ଥ ଏକ ଗ୍ୟାସ ଫିଲିଂ ସେଣ୍ଟରରୁ ଏକ ଡାଲା ଅଟୋରେ ଗ୍ୟାସ ବୋଝେଇ କରି ଗଜରାଜପୁର ଆଡକୁ ଯାଉଥିବାବେଳେ ଅଭାବନୀୟ ଘଟଣା ଘଟିଥିଲା। ସେ ଏକ ଦୋକାନରୁ ପାଣି ମାଗି ପିଇବା ପରେ ଅଟୋରେ ଟଳି ପଡିଥିଲେ। ଦୁଃଖର କଥା ହେଲା ଏହି ଫିଲିଂ ସେଣ୍ଟର ବୁଝାଶୁଝା କରୁଥିବା ଜଣେ ବ୍ୟକ୍ତିଙ୍କ ପୁଅ ସେଠାରେ ପହଞ୍ଚିଥିଲେ ସୁଦ୍ଧା ହିମାଂଶୁଙ୍କୁ ନିକଟସ୍ଥ ଡାକ୍ତରଖାନା ନେବା ପରିବର୍ତ୍ତେ ଗ୍ୟାସ ସ୍ଥାନାନ୍ତର କରିଥିଲେ। ପରବର୍ତ୍ତୀ ସମୟରେ ମୃତକ ତାଙ୍କ କର୍ମଚାରୀ ନୁହନ୍ତି ବୋଲି କୁହାଯାଇଥିଲା। ଏ ପରିସ୍ଥିତିରେ ସ୍ଥାନୀୟ ଲୋକେ ହିମାଂଶୁଙ୍କୁ ନାଉଗାଁ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ ସୁଦ୍ଧା ଡାକ୍ତର ମୃତ ଘୋଷଣା କରିଥିଲା। ସାରା ଦେଶରେ ଗ୍ୟାସର ଘୋର ଅଭାବ ଥିବା ବେଳେ ଏତେ ପରିମାଣର ଗ୍ୟାସ୍ କିପରି ଏହି କେନ୍ଦ୍ରରୁ ନିଆଯାଉଥିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ ହିମାଂଶୁ ପ୍ରତ୍ୟେହ ଏହି ଗ୍ୟାସ୍ କେନ୍ଦ୍ରରୁ ଗ୍ୟାସ ନେଇ ଯାଇଥାନ୍ତି। ଏଥିରୁ ଗ୍ୟାସ୍ ଚୋରା ଚାଲାଣ ହେଉଥିବା ସନ୍ଦେହ କରାଯାଉଛି। ଏଭଳି ଗ୍ୟାସ୍ ସେବାରେ ନିୟୋଜିତ ଅନେକ ବ୍ୟକ୍ତି ବିପଦରେ ପଡୁଥିଲେ ସୁଦ୍ଧା ସେମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ସହ ଯୋଗାଯୋଗ କରିବାରୁ ବାସ୍ତବରେ ଏହି କାମରେ ନିୟୋଜିତ ବ୍ୟକ୍ତିଙ୍କୁ ପରିଚୟ ପତ୍ର ସହ ସୁରକ୍ଷା ମିଳିବା କଥା। ଯଦି କିଛି ବ୍ୟତିକ୍ରମ ହୋଇଥାଏ ତେବେ ସେ ସମ୍ପର୍କରେ ନାଉଗାଁ ପୋଲିସ ସହ କଥା ହୋଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଗ୍ୟାସ୍ ବୋଝେଇ ଅଟୋ ଚାଳକଙ୍କ ଅସ୍ୱାଭାବିକ ମୃତ୍ୟୁ

## ଚିକିତ୍ସାକୁ ପ୍ରାଥମିକତା ଦିଆ ନ ଯାଇ ଗାଡିରୁ ବାହାର କରାଗଲା ଗ୍ୟାସ୍

ନାଉଗାଁ,୧୮।୪ (ସୁଧା ବେହୁରା)



ନାଉଗାଁ ଥାନା ଅନ୍ତର୍ଗତ ମୁଣ୍ଡାଳ ବଜାରରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଡାଲା ଅଟୋ ଚାଳକ ଗାଡ଼ିରେ ଗ୍ୟାସ ସିଲିଣ୍ଡର ନେଇ ଯିବା ସମୟରେ ବାଟରେ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ହେଲେ ନିଆଳି ଥାନା ଅନ୍ତର୍ଗତ ସିଠାଲୋ ସୁଆଁଲୋ ଗ୍ରାମର ହିମାଂଶୁ ଶେଖର ରାଉତ (୫୦)। ମାତ୍ର ତାଙ୍କୁ ଡାକ୍ତରଖାନା ନେବା ପରିବର୍ତ୍ତେ ଗ୍ୟାଡ଼ିରୁ ଗ୍ୟାସ ସିଲିଣ୍ଡର ବାହାର କରିବାକୁ ପ୍ରାଥମିକତା ଦିଆଯାଇଛି। ଏହି ଘଟଣା ମାନବିକତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ହିମାଂଶୁ ମୁଣ୍ଡାଳ ବଜାର ନିକଟରେ ଥିବା ଏକ ଫିଲିଂ ସେଣ୍ଟରରୁ ଡାଲା ଅଟୋ(ନଂ ଓଆର-୦୨-ବିକ୍ୟୁ-୫୮୧୫)ରେ ଗ୍ୟାସ ବୋଝେଇ କରି ଯାଉଥିଲେ। ମୁଣ୍ଡାଳ ବଜାର ନିକଟରୁ ଗଜରାଜପୁର ଆଡକୁ ଅଳ୍ପ ଦୂର ଯିବାପରେ ବାଟରେ ଏକ ଦୋକାନରୁ ପାଣି ମାଗି ପିଇଥିଲେ। ଏହାପରେ ଉକ୍ତ ଗାଡି ଭିତରେ ହିମାଂଶୁ ଟଳି ପଡିଥିଲେ। ସୂଚନାପାଇ ସମ୍ପୃକ୍ତ ଫିଲିଂ ସେଣ୍ଟର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ପୁତ୍ର ଘଟଣାସ୍ଥଳରେ ପହଞ୍ଚି ଥିଲେ। ମାତ୍ର ସେ ହିମାଂଶୁଙ୍କୁ ଡାକ୍ତରଖାନା ନେବା ପରିବର୍ତ୍ତେ ଗାଡିରୁ ଗ୍ୟାସ୍‌ଗୁଡିକୁ ବାହାର କରିବାରେ ବ୍ୟସ୍ତ ଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏନେଇ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଜରିଆରେ ହିମାଂଶୁଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲା। ଏ ସମ୍ପର୍କରେ ଗ୍ୟାସ୍ ବାହାର କରିଥିବା ବ୍ୟକ୍ତି ଜଣକ କହିଛନ୍ତି ଯେ, ମୃତ ଚାଳକ ଜଣକ ତାଙ୍କ ଫିଲିଂ ସେଣ୍ଟରରେ କାର୍ଯ୍ୟ କରୁ ନ ଥିଲେ। ଖବରପାଇ ଥାନା ଥାନାଧିକାରୀ ଦେବାଶିଷ ପଣ୍ଡା ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ତେବେ ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ଥାନାରେ କୋଣସି ଲିଖିତ ଅଭିଯୋଗ ହୋଇ ନ ଥିଲା।

# ଭାଜପାରେ ମିଶିଲେ ଅନ୍ୟ ଦଳର ନେତା, କର୍ମୀ

ବାଲିକୁଦା, ୧୮।୪(ତାପସ ସ୍ୱାଇଁ)



ବାଲିକୁଦା- ଏରସମା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିକୁଦା ବ୍ଲକ ଅପଣ୍ଡରା ଗ୍ରାମପଞ୍ଚାୟତ ଗାଦିବ୍ରହ୍ମ ପ୍ରାଙ୍ଗଣରେ ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲାପରିଷଦ ବିଜୟ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ବାଲିକୁଦା-ଏରସମା ଭାଜପା ନେତା ସତ୍ୟ ସାରଥି ମହାନ୍ତିଙ୍କ ଉପସ୍ଥିତିରେ ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଅପଣ୍ଡରା ଗ୍ରାମର ସରପଞ୍ଚ ଊର୍ମିଳା ସାହୁ ଓ ୱାର୍ଡମେମ୍ବର ମିତା ମହାନ୍ତି, ଚହଲି ସେଠୀ, କୁନିଲତା ସାହୁ, ସୁନୀଲ ସ୍ୱାଇଁ, ପ୍ରମୋଦିନୀ ଶତପଥୀ, ମୋନାସି ଦଳାଇ ଓ ତାଙ୍କ ଶତାଧିକ ସମର୍ଥକ ବିଜେଡି ଓ ଅନ୍ୟ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ନେତା ମହାନ୍ତି ଦଳରେ ସାମିଲ ହୋଇଥିବା ନୂତନ ନେତା ଓ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଏମାନଙ୍କ ଯୋଗଦାନ ଦଳର ସଂଗଠନକୁ ଆହୁରି ମଜଭୁତ କରିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ମିଶ୍ରଣ ପର୍ବରେ ଜିଲା ଓକିଲ ସଂଘ ସଭାପତି ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର କୁମାର ସ୍ୱାଇଁ, ଜିଲା ଉପସଭାପତି ଦିଲୀପ କୁମାର ରାଉଳ, ନହରଣା ମଣ୍ଡଳ ପୂର୍ବତନ ମଣ୍ଡଳ ସଭାପତି ବିଜୟ ଦାସ, ନହରଣା ମଣ୍ଡଳ ସଭାପତି କୃପାସିନ୍ଧୁ ମହାନ୍ତି, ୪ ନଂ. ଜୋନ ପ୍ରଭାରୀ ରାଜଶ୍ରୀ ପଟ୍ଟନାୟକ, ଜିଲା ସମ୍ପାଦିକା ବବିତା ଘଡ଼େଇ ପ୍ରମୁଖଙ୍କ ସମେତ ଶତାଧିକ ନେତା ଓ କର୍ମୀ ସାମିଲ ହୋଇଥିଲେ।

# ମହାନଦୀରେ ବୁଡ଼ି ଛାତ୍ର ମୃତ

## ଗାଧୋଇବାକୁ ଆସିଥିଲେ ୩ ସାଙ୍ଗ

ରଘୁନାଥପୁର, ୧୮।୪(ରାଜେନ୍ଦ୍ର ନାରାୟଣ ସିଂହ): କିଶନନଗର ଥାନା ବାଙ୍କଲ ନିକଟ ମହାନଦୀକୁ ଶନିବାର ୩ ସାଙ୍ଗ ଗାଧେଇବାକୁ ଆସିଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ପାଣିରେ ବୁଡି ଯିବାରୁ ତାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରଘୁନାଥପୁର ଥାନା ଅଢ଼େଇକୁଲ ପଞ୍ଚାୟତ ଅନ୍ତର୍ଗତ ବଡକୋରକର ଗ୍ରାମର ଅନ୍ତର୍ଯ୍ୟାମୀ ଖଟୁଆଙ୍କ ପୁଅ ଅନୁଭବ (୧୭)। କଟକ ଓଡ୍ରାଫ ଟିମ୍ ଦୀର୍ଘ ସମୟ ପାଣିରେ ଖୋଜାଖୋଜି କରିବା ପରେ ସନ୍ଧ୍ୟା ୭ ଟାରେ ଅନୁଭବଙ୍କ ମୃତଦେହ ପାଣିରୁ ଠାବ କରିଛି। ସେ ରେଢୁଆ କଲେଜରେ ଯୁକ୍ତ ୨ ଶ୍ରେଣୀରେ ପାଠ ପଢୁଥିଲେ। ପୂର୍ବାହ୍ନ ପାୟ ୧୧ଟା ବେଳେ ଅନୁଭବ ତାଙ୍କ ଦୁଇ ଜଣ ସାଙ୍ଗଙ୍କ ସହିତ ବାଙ୍କଲ ମହାନଦୀର ୫ନଂ. ପଥରବନ୍ଧ ନିକଟକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଅସାବଧାନତାବଶତଃ ଗୋଡ଼ ଖସି ଯିବାରୁ ଅନୁଭବ ପାଣିରେ ବୁଡ଼ି ଯାଇଥିଲେ। ପାଖରେ ଥିବା ଦୁଇ ସାଙ୍ଗ ଅନୁଭବଙ୍କୁ ଉଦ୍ଧାର କରିବକୁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହେବାରୁ ଲୋକଙ୍କୁ ଡାକ ପକାଇଥିଲେ। ଖବରପାଇ କିଶନନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ରଘୁନାଥପୁର ଅଗ୍ନିଶମ ବାହିନୀ ସହାୟତାରେ ଦୀର୍ଘ ସମୟ ଧରି ପାଣିରେ ଖୋଜାଖୋଜି କରିଥିଲା। ମାତ୍ର ଅନୁଭବଙ୍କ କୌଣସି ପତା ମିଳି ନ ଥିଲା। ଏହାପରେ ଗ୍ରାମବାସୀ ଓ ପରିବାର ସଦସ୍ୟଙ୍କ ପକ୍ଷରୁ ଓଡ୍ରାଫ୍ ଟିମ୍‌କୁ ଖବର ଦିଆ ଯାଇଥିଲା। ଆସିବାରେ ବିଳମ୍ବ ହେବାରୁ ଉପସ୍ଥିତ ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି କଟକ-ପାରାଦୀପ ରାସ୍ତାର କୁଲସାହି ଠାରେ କିଛି ସମୟ ପାଇଁ ରାସ୍ତାରୋକୋ ହୋଇଥିଲା। ରଘୁନାଥପୁର ପୋଲିସ ସେଠାରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କଲା ପରେ ରାସ୍ତାରୋକୋ ହଟିଥିଲା। ଏହାପରେ ଓଡ୍ରାଫ୍ ଟିମ୍ ପହଞ୍ଚି ଅନୁସନ୍ଧାନ କରିଥିଲା।




# ଖରା, ଗୁଳୁଗୁଳିରେ ସିଝୁଛନ୍ତି ଛାତ୍ରୀଛାତ୍ର

ନୟାଗଡ଼, ୧୮।୪(ଲୋକନାଥ ମିଶ୍ର)

ଗ୍ରୀଷ୍ମ ଋତୁର ପ୍ରକୋପ ପାହାଡିଆ ଜିଲା ନୟାଗଡ଼ରେ ପଡିଛି। ଏଠାରେ ୪୦ ଡିଗ୍ରିରୁ ଊର୍ଦ୍ଧ୍ୱ ତାପମାତ୍ରା ରହିଛି। ସକାଳ ୯ଟା ହେଲେ ଘରକୁ ପଦାକୁ ବାହାରିବା କଷ୍ଟ ହେଉଛି। ପୁଣି ଏପ୍ରିଲରେ ଅଂଶୁଘାତର ଭୟ ଦେଖା ଦେଲାଣି। ଏଭଳିସ୍ଥଳେ ସ୍କୁଲ ଛାତ୍ରୀଛାତ୍ର ଓ ଅଙ୍ଗନୱାଡିର ଛୋଟ ଛୋଟ ଶିଶୁ ମାନେ ଖରାରେ ଘରକୁ ଫେରୁଛନ୍ତି। ସ୍କୁଲରେ ଗୁଳୁଗୁଳିରେ ସିଝୁଛନ୍ତି। ଜିଲାର କିଛି ସ୍କୁଲରେ ବିଦ୍ୟୁତ୍ ଥିବାବେଳେ ଅନେକ ସ୍କୁଲରେ ବିଦ୍ୟୁତ୍ ବ୍ୟବସ୍ଥା ନାହିଁ। ପୁଣି ମନଇଛା ବିଦ୍ୟୁତ୍ କାଟ ଲାଗି ରହୁଛି। ମେ ୬ରୁ ଗ୍ରୀଷ ଛୁଟି ହେବାର ନିୟମ ରହିଛି। ତେବେ ଗ୍ରୀଷ ପ୍ରକୋପ ବଢ଼ିବା ପରେ ବିଗତ ବର୍ଷ ମାନଙ୍କରେ ନିର୍ଦ୍ଧାରିତ ଗ୍ରୀଷ୍ମ ଛୁଟି ପୂର୍ବରୁ ସ୍କୁଲ ଛୁଟି ଘୋଷଣା ହୋଇଥିବାର ନଜିର ରହିଛି।

# ଅଙ୍ଗଦ ଚିଟାଉ, ନାଗଫାଶ ବନ୍ଧନ, କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ ବଧ

ଗଣିଆ, ୧୮।୪(ସନ୍ତୋଷ କୁମାର ପ୍ରଧାନ)

## ଗଣିଆ ଲଙ୍କାପୋଡ଼ି ଯାତ୍ରାର ୧୦ମ ଦିବସ

ଗଣିଆ ଲଙ୍କାପୋଡ଼ି ଯାତ୍ରାର ଦଶମ ଦିବସ ଶନିବାର ରାମଲୀଳା ମୁକ୍ତାକାଶ ରଙ୍ଗମଞ୍ଚରେ ନାଗଫାସ ବନ୍ଧନ, କୁମ୍ଭକର୍ଣ୍ଣ ବଧ ଓ ଇନ୍ଦ୍ରଜିତ ବଧ ନାଟକ ପରିବେଷିତ ହୋଇଥିଲା। ହନୁମାନ ସୀତାଙ୍କ ଠାବ କରି ଫେରିବା ପରେ ସୁଗ୍ରୀବଙ୍କ ନେତୃତ୍ୱରେ ବାନରସେନାଙ୍କ ସହାୟତାରେ ସେତୁବନ୍ଧ ପ୍ରତିଷ୍ଠା କରାଯାଇ ସୈନ୍ୟସାମନ୍ତଙ୍କ ସହିତ ଶ୍ରୀରାମ ଲଙ୍କା ଗମନ କରନ୍ତି। ସୁବଳୟା ପର୍ବତ ଉପରେ ଅଷ୍ଟସେନାଙ୍କ ସମରସଜ୍ଜା ପରେ ଯୁଦ୍ଧ ନିମିତ ସର୍ତ୍ତ ବା ସନ୍ଧି ନିମନ୍ତେ ପ୍ରଭୁ ଶ୍ରୀରାମ ଅଙ୍ଗଦଙ୍କୁ ଚିଟାଉ ଦେଇ ରାବଣ ପାଖକୁ ପ୍ରେରିତ କରନ୍ତି। କିନ୍ତୁ ଦଶାନନ ରାବଣ ଉକ୍ତ ଚିଟାଉକୁ ପ୍ରତ୍ୟାଖାନ କରି ଉପହାସ କରେ। ଏଥି ସହିତ ଦୂତ ସାଜି ଯାଇଥିବା ଅଙ୍ଗଦକୁ ବନ୍ଦୀ କରିବାକୁ ଚେଷ୍ଟା କରେ। କିନ୍ତୁ ସେ ବିଫଳ ହୁଏ ଅଙ୍ଗଦ ରାବଣର ସେନାକୁ ପରାସ୍ତ କରି ରାବଣ ଛତ୍ର ଛେଦନ କରି ପୁନଶ୍ଚ ସୁବଳୟା ପ୍ରଭୁ ଶ୍ରୀରାମଙ୍କ ପାଖକୁ ଫେରିଆସେ। ପରେ ବାନର ସେନା ଓ ଅସୁରସେନାଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ ହୁଏ। ଯୁଦ୍ଧରେ ଧୁମକେତୁ, ଧୁମମୟ ଓ ଧୁମାକ୍ଷ ଆଦି ଅସୁର ନିହତ ହେବାପରେ ଇନ୍ଦ୍ରଜିତର ନାଗଫାସ ବନ୍ଧନରେ ବାନ୍ଧିହୋଇ ଶ୍ରୀରାମ ଓ ଲକ୍ଷଣ। ଅନ୍ୟପଟରେ ରାବଣ ମାୟା ରଚନା କରି ସୀତାଙ୍କୁ ପୁଷ୍ପକ ବିମାନରେ ଆଣି ଶ୍ରୀରାମ, ଲକ୍ଷ୍ମଣ ମୃତ ବୋଲି ଦେଖାଏ। ସେପଟେ ଶ୍ରୀରାମଙ୍କ ଅଷ୍ଟସେନା ବି ଚିନ୍ତାରେ ପଡନ୍ତି। ବୀଭିଷଣଙ୍କ ପରାମର୍ଶକ୍ରମେ ଶ୍ରୀରାମ ଗୁରୁ ସ୍ମରଣ କରିଥିଲେ। ଗରୁ ପହଞ୍ଚିବା ପରେ ଶ୍ରୀରାମ ଲକ୍ଷଣ ନାଗଫାସ ବନ୍ଧନରୁ ମୁକ୍ତ ହୋଇଥିଲେ। ଅନ୍ୟପଟରେ ରାବଣ ହତାଶ ଓ ବିବିଶ ହୋଇ ପ୍ରବଳ ପରାକ୍ରମୀ ଅସୁର ତଥା ତାଙ୍କ ଭାଇ କୁମ୍ଭକର୍ଣ୍ଣର ସହାୟତା କାମନା କରିଥାଏ।

କୁମ୍ଭକର୍ଣ୍ଣ ବର୍ଷରେ ୬ମାସ ଶୋଉଥିବା ବେଳେ ତାର ନିଦ ଭାଙ୍ଗିବା ପାଇଁ ଢୋଲ ମାଦଳ, ପେଁକାଳୀ ଓ ବାଣର ସହାୟତା ନେଇ କୁମ୍ଭକର୍ଣ୍ଣର ନିଦ୍ରା ଭଙ୍ଗ କରେ। ନିଦରୁ ଉଠିବା ପରେ ପ୍ରଚୁର ଖାଦ୍ୟ ଗ୍ରହଣ କରିବା ପରେ ରାବଣଠାରୁ ସମସ୍ତ ଘଟଣା ଶୁଣିବା ପରେ ସୀତାଙ୍କୁ ଫେରାଇ ଦେବାକୁ ପରାମର୍ଶ ଦିଏ। କିନ୍ତୁ ଉକ୍ତ ପରାମର୍ଶରେ ରାବଣ ରାଗିଯାଇ କୁମ୍ଭକର୍ଣ୍ଣକୁ ଧିକାର କରିବା ସହିତ ଗାଳିଗୁଲଜ କରେ। ଶେଷରେ ରାବଣ କଥାରେ ବିବଶ ହୋଇ କୁମ୍ଭକର୍ଣ୍ଣ ଯୁଦ୍ଧକ୍ଷେତ୍ରକୁ ଆଗମନ କରେ। ଯୁଦ୍ଧକ୍ଷେତ୍ରରେ ସୁଗ୍ରୀବଙ୍କ ସହିତ ବାନର ସେନାକୁ ପ୍ରବଳ ପ୍ରହାର କରି ଧ୍ୱସ୍ତ ବିଧ୍ୱସ୍ତ କରିଦିଏ କୁମ୍ଭକର୍ଣ୍ଣ। ଶେଷରେ ଶ୍ରୀରାମଙ୍କ ସହିତ ଘମାଘୋଟ ଲଢେଇ କରି କୁମ୍ଭକର୍ଣ୍ଣର ମୃତ୍ୟୁ ଘଟେ। ସମସ୍ତ ପୁତ୍ରଙ୍କ ମୃତ୍ୟୁ ହୋଇସାରିଥିବାରୁ ନିରୁପାୟ ରାବଣ ନିଜର ପ୍ରିୟ ପୁତ୍ର ଇନ୍ଦ୍ରଜିତକୁ ଯୁଦ୍ଧ କ୍ଷେତ୍ରକୁ ପଠାଇଥିଲା। ଶ୍ରୀରାମ ଲକ୍ଷଣ ଓ ଇନ୍ଦ୍ରଜିତଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ ହୋଇଥିଲା। ଶେଷରେ ବୀଭିଷଣଙ୍କ ପରାମର୍ଶ କ୍ରମେ ୧୪ବର୍ଷ ଆହାର ଓ ନିଦ୍ରା ତ୍ୟାଗ କରିଥିବା ବ୍ୟକ୍ତି ହିଁ ଇନ୍ଦ୍ରଜିତଙ୍କ ମାରିପାରିବା ଶୁଣି ଲକ୍ଷ୍ମଣ ହିଁ ଇନ୍ଦ୍ରଜିତଙ୍କୁ ବଦ୍ଧ କରିଥିଲେ।

# ଗୋପାଳପୁର କୃଷକ ଉତ୍ପାଦକ କମ୍ପାନୀର କାଜୁ ମଣ୍ଡି ଉଦ୍‌ଘାଟିତ



କାଜୁ ମଣ୍ଡି ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅତିଥି ।

ରଣପୁର, ୧୮।୪ (ସୁକାନ୍ତ କିଶୋର ଡାକୁଆ)

ରଣପୁର ବ୍ଲକ ଅଧୀନରେ ଥିବା ଗୋପାଳପୁରରେ ଶୁକ୍ରବାର ଏକ କାଜୁ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବିଶ୍ୱ ବ୍ୟାଙ୍କ ଏବଂ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ମିଳିତ ସହଯୋଗରେ କାର୍ଯ୍ୟକାରି ହେଉଥିବା ରିୱାର୍ଡ ପ୍ରକଳ୍ପ ଅଧୀନରେ କୃଷକ ଉତ୍ପାଦକ କମ୍ପାନୀ ଲିଃ ରଣପୁରସ୍ଥିତ ଗୋପାଳପୁର କାର୍ଯ୍ୟାଳୟରେ ଉଦ୍‌ଘାଟିତ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲଳିତ କୁମାର ପଣ୍ଡା (ଡିଡିଏଚ ନୟାଗଡ଼), ଚିନ୍ମୟ ପଣ୍ଡା, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ (ରଣପୁର), ମାନସୀ ଦାସ, ବ୍ଲକ କୃଷି ଅଧିକାରିଣୀ, ଗ୍ରାଣ୍ଟ ଥର୍ଣ୍ଟନ ଭାରତରୁ ନାରାୟଣ ଖଟୁଆ, ମାଲଖାନ ସିଂ ଡାଙ୍ଗି, ଘନଶ୍ୟାମ ଜେନା. ଗୋକୁଳ ମହାରଣା , ସଞ୍ଜୟ କୁମାର ସ୍ୱାଇଁ, ଆରଏମ୍‌ସି ବାହାଡାଝୋଲା ଆଦି ଉପସ୍ଥିତ ଥିଲେ। ଗୋପାଳପୁର କୃଷକ ଉତ୍ପାଦକ କମ୍ପାନୀର ଅଧ୍ୟକ୍ଷ ରତ୍ନାକର ନିଶଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଦଶପଲ୍ଲା ରିୱାର୍ଡ ଅଞ୍ଚଳ ଓ ରଣପୁର ଅଞ୍ଚଳଗୁଡ଼ିକରୁ କାଜୁ କ୍ରୟକୁ ସୁଦୃଢ଼ ଏବଂ ବଜାର ସଂଯୋଗକୁ ଉନ୍ନତ କରିବା ପାଇଁ କାଜୁ ମଣ୍ଡି ପ୍ରତିଷ୍ଠାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଉଦ୍‌ଘାଟନ ଉତ୍ସବରେ ୪ ଜଣ ଚାଷୀଙ୍କଠାରୁ ୩ ଶହ କେଜି କାଜୁ ସଂଗ୍ରହ କରଯାଇଥିଲା। ତା ସହ ଚଳିତ ଆର୍ଥିକ ବର୍ଷରେ ରିୱାର୍ଡ ସହାୟତାରେ ଦଶପଲ୍ଲାଠାରେ ଏକ କାଜୁ ପ୍ରକ୍ରୀୟାକରଣ ୟୁନିଟ ସ୍ଥାପନ କରାଯିବ ବୋଲି ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ପ୍ରକାଶ କରିଥିଲେ। ଏହାର ପରିଚାଳନା ଭାର ଗୋପାଳପୁର କୃଷକ ଉତ୍ପାଦକ କମ୍ପାନୀକୁ ନ୍ୟସ୍ତ କରାଯାଇଛି। ଏହା ସହ ଜିଲା ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗର ଅଧିକାରୀ,ନୟାଗଡ଼ ଦୁବାଇ ଓ ଅନ୍ୟାନ୍ୟ ଦେଶକୁ ନୟାଗଡ଼ରୁ ଆମ୍ବ ରପ୍ତାନି କରିବା ପାଇଁ ଆଲୋଚନା କରିବା ସହିତ ଗ୍ରାଣ୍ଟ ଥର୍ଣ୍ଟନ ଭାରତର ଆମ୍ବ ରପ୍ତାନି ପାଇଁ ସହଯୋଗ ଲୋଡିଥିଲେ। ଉକ୍ତ ଉତ୍ସବକୁ ପ୍ରକଳ୍ପ ସଂଯୋଜକ ସୌମ୍ୟରଞ୍ଜନ ନିଶଙ୍କ ପରିଚାଳନା କରିଥିଲେ।

# ଶିଖରପୁର ମା' ତାରିଣୀଙ୍କ ଯାତ୍ରା ଉଦ୍‌ଯାପିତ

ଶରଣକୁଳ, ୧୮।୪ (ଦୀପକ କର )

ଶରଣକୁଳ ନିକଟ ଶିଖରପୁର ଗ୍ରାମରେ ପୂଜା ପାଉଥିବା ନଡ଼ିଆ ରାଣୀ ମା' ତାରିଣୀଙ୍କ ଯାତ୍ରା ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମା'ଙ୍କ ପାଖରେ ମାନସିକ ରଖି ନଡ଼ିଆଟିଏ ଯାଚି ଦେଲେ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ପ୍ରଥା ରହିଛି। ପଣା ସଂକ୍ରାନ୍ତିରୁ ମା'ଙ୍କ ପୂଜା ମହୋତ୍ସବ ୫ ଦିନ ଧରି ଅନୁଷ୍ଠିତ ହୋଇ ଶନିବାର ପୂର୍ଣ୍ଣାହୁତି ହୋଇଛି। ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ମା' ତାରିଣୀଙ୍କ ସାନିଧ୍ୟ ଲାଭ କରିଥିଲେ। କାର୍ଯ୍ୟକ୍ରମରେ ଶରଣକୁଳ ସରପଞ୍ଚ ମୀନାକ୍ଷୀ ପ୍ରସାଦ ସାହୁ, ଗୋଡ଼ିପଡା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ଭାଜପା ନେତା ଅଭିମନ୍ୟୁ ମାଝୀ, ମଣ୍ଡଳ ସଭାପତି ମନୋଜ କୁମାର ସାହୁ, କମିଟି ସଭାପତି ଅଭିମନ୍ୟୁ ପରିଡ଼ା ଯୋଗ ଦେଇଥିଲେ।

# ନୀଳକଣ୍ଠେଶ୍ୱର ମନ୍ଦିରର ୨ୟ ବାର୍ଷିକୋତ୍ସବ


କଳସ ଶୋଭାଯାତ୍ରା।

ଭାପୁର, ୧୮।୪(ପ୍ରଭାତ ବରାଡ)

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ଗୋଳାପୋଖରୀ ପଞ୍ଚାୟତ ନୀଳକଣ୍ଠପ୍ରସାଦ ଗ୍ରାମର ଆରାଧ୍ୟ ଦେବତା ନୀଳକଣ୍ଠେଶର ଦେବଙ୍କ ଦ୍ୱିତୀୟ ବାର୍ଷିକୋତ୍ସବ ଲାଗି କଳସ ଶୋଭାଯାତ୍ରା ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଉତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ବେଳେ ସୋମବାର ପୂର୍ଣ୍ଣାହୁତି ହେବ ବୋଲି ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି। ଉକ୍ତ ଦିବସମାନଙ୍କରେ ଶୁକ୍ରବାର ଅଙ୍କୁରାରୋପଣ ଓ ଶନିବାର–କଳସଯାତ୍ରା, ଦେବତା ନିମନ୍ତ୍ରଣ, ଅଗ୍ନିସ୍ଥାପନ ଓ ମନୋରଞ୍ଜନ ପାଇଁ ଶରଣକୁଳର ରାମ ନାଟକ ମଶାଣି ରାଣୀ ମଣି କର୍ଣ୍ଣିକା ଅନୁଷ୍ଠିତ ହୋଇଥିଲା। ଶନିବାର ସକାଳୁ ଗ୍ରାମର ୫ଶହରୁ ଊର୍ଦ୍ଧ୍ୱମାନସିକଧାରୀ ପୁରୁଷ ଓ ମହିଳା କଳସ ଶୋଭାଯାତ୍ରାରେ ଯୋଗ ଦେଇ ଗ୍ରାମର ନିକଟ ବାଳସିଂହ ନଦୀରୁ କଳସ ଯାତ୍ରା ଆସିଥିଲା। ରବିବାର ସୂର୍ଯ୍ୟପୂଜା, ମହାସ୍ନାନ, ଆହୁତି, ପୁଷ୍ପାଞ୍ଜଳି ଓ ମଗରବନ୍ଧ ଗ୍ରାମର ରାମନାଟକ ଜଳନ୍ଧର ବଧ' ଅନୁଷ୍ଠିତ ହେବ। ସୋମବାର ସୂର୍ଯ୍ୟପୂଜା, ଆହୁତି, ପୁଷ୍ପାଞ୍ଜଳି ଓ ପୂର୍ଣ୍ଣାହୁତି ହେବ ।

# ନାରାୟଣ ଉଚ୍ଚ ବିଦ୍ୟାଳୟରେ ଅଗ୍ନି ନିରାପତ୍ତା ସଚେତନତା

ଶରଣକୁଳ, ୧୮।୪(ଦୀପକ କର)

ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟରେ ଶନିବାର ଅଗ୍ନି ନିରାପତ୍ତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଶ୍ମିରଞ୍ଜନ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ଗାଁ ଅଗ୍ନିଶମ ବିଭାଗ କେନ୍ଦ୍ରାଧିକାରୀ ପ୍ରଦୀପ୍ତ ପାତ୍ର, ମୁଖ୍ୟ ଅଗ୍ନିଯୋଦ୍ଧା ଦୁର୍ଯ୍ୟୋଧନ ବେହେରା, ଅଗ୍ନିଯୋଦ୍ଧା ମାନସ ବେହେରା, ତାପସ ସେଠୀ ଓ ହାବିଲଦାର ହେମନ୍ତ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ଅଗ୍ନି ନିରାପତ୍ତା ଉପରେ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରିଥିଲେ। ଗ୍ୟାସରେ ନିଆଁ ଲାଗିଲେ ତାକୁ କିପରି ଆୟତ କରିବା, ଭୟାବହ ଅଗ୍ନିକାଣ୍ଡ ସମୟରେ କି ପ୍ରକାର ପଦକ୍ଷେପ ନେବା ଓ ଘର ଭିତରେ ରହି ଯାଇଥିବା ବ୍ୟକ୍ତିଙ୍କୁ କିପରି ଉପାୟରେ ଉଦ୍ଧାର କରିବା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା।




## ସଂକ୍ଷେପରେ

### ଖଣି ଖାଲରେ ଗାଧୋଇବା ବେଳେ ନାବାଳକ ନିଖୋଜ



**କାଳିଆପାଣି,୧୮।୪(ଅସିତ ମହାନ୍ତ):** ଯାଜପୁର ଜିଲା କାଳିଆପାଣି ଥାନା ଚିଙ୍ଗୁଡ଼ିପାଳ ପଞ୍ଚାୟତ ଓସ୍ତିଆ ଗ୍ରାମ ନିକଟରେ ଏକ ଖଣି ଦୀର୍ଘଦିନ ହେବ ବନ୍ଦ ହୋଇ ପଡ଼ିଛି। ସେହି ଖଣିରେ ଥିବା ଏକ ଖାଲର ପାଣିକୁ ଲୋକେ ବ୍ୟବହାର କରନ୍ତି। ଶନିବାର ସକାଳ ୯ଟାରେ ଏହି ଖଣିଖାଲରେ ଗାଧୋଉଥିବାବେଳେ ବୁଡ଼ିଯାଇ ଜଣେ ନାବାଳକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ନାବାଳକ ହେଲେ ଗୁରୁଜଙ୍ଗ ଗାଁର ତ୍ରିଲୋଚନ ମହାନ୍ତଙ୍କ ପୁଅ ଆଲୋକ ମହାନ୍ତ(୧୧)। ସେ ସାଙ୍ଗମାନଙ୍କ ସହ ଗାଧୋଇବାକୁ ଯାଇଥିଲେ। ସେଠାରେ ନାବାଳକଙ୍କ ବାପା ତ୍ରିଲୋଚନ ମଧ୍ୟ ଗାଧୋଉଥିଲେ। ଏତିକିବେଳେ ନାବାଳକ ନିଖୋଜ ହୋଇଯାଇଥିଲେ। ଏକଥା ତାଙ୍କ ସାଙ୍ଗମାନେ କହିବା ପରେ ତ୍ରିଲୋଚନ ଖୋଜାଖୋଜି କରିଥିଲେ। ହେଲେ ପାଇ ନ ଥିଲେ। ଏହାପରେ ସେ ତୁରନ୍ତ କାଳିଆପାଣି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଥାନା ଅଧିକାରୀ ପ୍ରକାଶ ପ୍ରଧାନ ଓ ହାବିଲଦାର କୌସ୍ତୁଭ ସେଠୀ ପହଞ୍ଚି ଖୋଜାଖୋଜି କରିଥିଲେ। ହେଲେ ନାବାଳକଙ୍କ ପତ୍ତା ପାଇ ନ ଥିଲେ। ଖବର ଲେଖାହେବାବେଳକୁ ଖୋଜାଖୋଜି ଜାରି ରହିଥିଲା। ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଖଣି କର୍ତ୍ତୃପକ୍ଷ କ୍ରୋମାଇଟ ଉତ୍ତୋଳନ କରିବା ପରେ ସେହି ସ୍ଥାନକୁ ଖୋଲାରେ ଛାଡ଼ି ଦେଉଛନ୍ତି। ଫଳରେ ଅଧିକ ପାଣି ରହୁଥିବା ଖଣିରେ ଛୋଟ ପିଲା ଗାଧୋଇବାରୁ ଏପରି ଦୁର୍ଘଟଣା ଘଟୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ଡାଲୁଅ ଧାନରେ କାଣ୍ଡବିନ୍ଧା ପୋକ

## ୬୦ ଭାଗ ଫସଲ ନଷ୍ଟହେବା ଆଶଙ୍କା

**ବଡ଼ଚଣା,୧୮।୪ (ଦିଲୀପ କୁମାର ମହାନ୍ତି):** ବଡ଼ଚଣା ବ୍ଲକ୍ ପଶ୍ଚିମ ବଡ଼ଚଣାର ସମିଆ ପଞ୍ଚାୟତର ଶତାଧିକ ଚାଷୀ ୮୦୦ରୁ ଊର୍ଦ୍ଧ୍ୱ ଏକର ଜମିରେ ଡାଲୁଅ ଧାନ ଚାଷ କରିଛନ୍ତି। ଏବେ ଧାନ କେଣ୍ଡା ବାହାରି ପାଚିବା ଉପରେ, ମାତ୍ର ବିଲରେ ପ୍ରତି ଧାନ କେଣ୍ଡାରେ କାଣ୍ଡବିନ୍ଧା ପୋକ ଲାଗିଛନ୍ତି। ଫଳରେ ପେଣ୍ଡାର ପ୍ରାୟ ୬୦%ଭାଗ ଧାନ ଅଗାଡ଼ି ହୋଇଯାଇପାରେ ବୋଲି ଚାଷୀ ଅନୁମାନ କରିଛନ୍ତି। ଏଥିପାଇଁ ଚାଷୀମାନେ ବଡ଼ଚଣା କୃଷି ବୈଜ୍ଞାନିକ ଓ କୃଷି ଅଧିକାରୀଙ୍କ ସହ ଆଲୋଚନା କରି ବିଭିନ୍ନ କୀଟନାଶକ ପ୍ରୟୋଗ କରିବା ପରେ ମଧ୍ୟ ପୋକ ଛାଡୁନାହାନ୍ତି। ଧାନକେଣ୍ଡାରେ ବହୁପରିମାଣରେ ମଲାଧାନ ଦେଖାଯାଉଛି, ଯଦି ଧାନ ଅମଳ କରାଯିବ ତେବେ ବହୁ ପରିମାଣରେ ଅଗାଡ଼ି ବାହାରିବ। କୃଷି ବିଭାଗ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ଚାଷୀ କିପରି ଏହି ସମସ୍ୟାରୁ ସୁଧୁରିପାରିବେ ସେ ଦିଗରେ ପରାମର୍ଶ ଦେବାକୁ ଚାଷୀ ହରିହର ପାତ୍ର, ସତ୍ୟପ୍ରକାଶ ଦାଶ, କ୍ଷୀରୋଦ ପାଣି, ରାମଚନ୍ଦ୍ର ପାତ୍ର, ସୂର୍ଯ୍ୟମଣି ଚୌଧୁରୀ, ସନ୍ତୋଷ ସାହୁ, ପ୍ରଦୀପ୍ତ ମହାନ୍ତି, ବିନୋଦ ସାମଲ, ନବକିଶୋର ବ୍ରହ୍ମ ପ୍ରମୁଖ ଦାବି କରିଛନ୍ତି। ଚାଷୀ ଋଣ କରି ଚାଷ କରିଛନ୍ତି, ଯଦି କମ ପରିମାଣରେ ଧାନ ଅମଳ ହୁଏ ତେବେ ସେମାନେ କିପରି ଋଣ ମୁକ୍ତ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି।



ଧାନକେଣ୍ଡାରେ ଲାଗିଥିବା ପୋକ।

# ୩ ଛାତ୍ରୀଛାତ୍ରଙ୍କ ଦେହରେ ବିଛୁଆତି ଲଗାଇଦେଲେ

## ପ୍ରଧାନଶିକ୍ଷକଙ୍କ କଥାରେ ପଡ଼ିଲେ ଅନ୍ୟ ଛାତ୍ର

**କାଳିଆପାଣି,୧୮।୪(ଅସିତ ମହାନ୍ତ):** ଯାଜପୁର ଜିଲା ସୁକିନ୍ଦା ବ୍ଲକ କଅଁସ ପଞ୍ଚାୟତ ସାରୁଆବିଲ ପ୍ରାଥମିକ ବିଦ୍ୟାଳୟରେ ୩ଜଣ ଛାତ୍ରୀଛାତ୍ରଙ୍କ ଦେହରେ ବିଛୁଆତି ଲଗାଇ ଦିଆଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପ୍ରଧାନଶିକ୍ଷକ ବାସୁଦେବ ଦେହୁରୀଙ୍କ କଥାରେ ପଡ଼ି କେତେଜଣ ଛାତ୍ରୀଛାତ୍ର ଏହି ଘଟଣା ଘଟାଇଥିବା ଅଭିଭାବକ ଏବଂ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୋଲିସର ହସ୍ତକ୍ଷେପ ପରେ ଶନିବାର ଏହାର ଆପୋସ ସମାଧାନ କରାଯାଇଛି।

ଗାଁ ଲୋକଙ୍କ କହିବା ଅନୁଯାୟୀ, ଗତ ମାସରେ ପ୍ରଧାନଶିକ୍ଷକ ଦେହୁରୀ ଏଠାରେ ଯୋଗ ଦେଇଛନ୍ତି। ସେ ଯୋଗ ଦେବାପରଠାରୁ ଗୋଟିଏ ପରେ ଗୋଟିଏ ସମସ୍ୟା ଆସି ପହଞ୍ଚୁଛି। ପ୍ରଧାନଶିକ୍ଷକ ଶୁକ୍ରବାର ମଦ୍ୟପାନ କରି ସ୍କୁଲରେ ପିଲାଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ କେତେଜଣ ପିଲାଙ୍କ ଦେହରେ ବିଛୁଆତି ଲଗାଇବାକୁ ଅନ୍ୟ ପିଲାଙ୍କୁ କହିଥିଲେ। ଏକଥା ଅଭିଭାବକ ଓ ଗ୍ରାମବାସୀ ଜାଣିବାପରେ ସେମାନେ ସ୍କୁଲରେ ପହଞ୍ଚି ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକଙ୍କୁ ପଚାରିଥିଲେ। ପ୍ରଧାନଶିକ୍ଷକ ଘଟଣାକୁ ସ୍ୱୀକାର କରିବା ସହ ଭୁଲ୍ ମାଗିଥିଲେ। ଏହାପରେ ଅଭିଭାବକ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିବାକୁ ଚେଷ୍ଟା କରି ବିଫଳ ହେଇଥିଲେ। ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ସିଆର୍‌ସିସି ଘଟଣାକୁ ସାମ୍ନାକୁ ନ ଆଣିବା ପାଇଁ ଲୋକଙ୍କୁ ପ୍ରବର୍ତ୍ତାଇଥିଲେ ଏବଂ ଅଭିଯୁକ୍ତ ପ୍ରଧାନଶିକ୍ଷକଙ୍କ ଦୋଷ ନାହିଁ କହି ସଫେଇ ଦେଇଥିଲେ। ଏଥିରେ ଅସନ୍ତୁଷ୍ଟ ହୋଇ ଅଭିଭାବକ କାଳିଆପାଣି ଥାନାରେ ଅଭିଯୋଗ କରିଥିଲେ। ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରକାଶ ପ୍ରଧାନ ଘଟଣାସ୍ଥଳକୁ ଆସି ସମସ୍ୟାର ସମାଧାନ କରିଥିଲେ। ଘଟଣାର ପୁନରାବୃତ୍ତି ନ କରିବାକୁ ପ୍ରଧାନଶିକ୍ଷକଙ୍କୁ ଚେତାବନୀ ଦେଇଥିଲେ। ଏଥିସହିତ ସେ ଉତ୍ତ୍ୟକ୍ତ ଗ୍ରାମବାସୀ ଏବଂ ଅଭିଭାବକଙ୍କୁ ଶାନ୍ତ କରାଇଥିଲେ ।

## ଧର୍ମଶାଳା ପୋଲିସ ପକ୍ଷରୁ ଜଳଛତ୍ର

**କାଏମା,୧୮।୪(ଶିବ ପ୍ରସାଦ ମହାନ୍ତି):** ଧର୍ମଶାଳା ପୋଲିସ ପକ୍ଷରୁ ଜାରକା ବିଟ ହାଉସ ନିକଟରେ ଶନିବାର ଏକ ଜଳଛତ୍ର ଖୋଲାଯାଇଛି। ଯାଜପୁର ରୋଡ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ଏହାର ଉଦ୍‌ଘାଟନ କରିଛନ୍ତି। ଗ୍ରୀଷ୍ମ ପ୍ରବାହ ଚାଲିବା ପର୍ଯ୍ୟନ୍ତ ଜଳଛତ୍ର ଚାଲୁରହିବ ବୋଲି ଏସଡିପିଓ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ଥାନା ଅଧିକାରୀ ଚିନ୍ମୟୀ ସାହୁ, ଜାରକା ବିଟ ହାଉସ ଅଧିକାରୀ ବିଜୟ ବେହେରା, ପ୍ରତାପ ଦେବତାଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଓ କନଷ୍ଟେବଲ ଉପସ୍ଥିତଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ଯାଜପୁର ଏସପି ଯଶପ୍ରତାପ ଶ୍ରୀମାଲଙ୍କ ନିର୍ଦ୍ଦେଶ କ୍ରମେ ଜିଲାର ସମସ୍ତ ଥାନା ଅଞ୍ଚଳରେ ଜଳଛତ୍ର ଖୋଲାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପଦ୍ମିନୀ



@ ଆଶୁତୋଷ



@ ସୁଶାନ୍ତ



@ ସୁଶୀଲ



@ ଶକ୍ତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଅଗ୍ନି ନିରାପତ୍ତା ସଚେତନତା



ଅଗ୍ନି ନିରାପତ୍ତା ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଉଛି।

**ଯାଜପୁର,୧୮।୪ (ହର୍ଷବର୍ଦ୍ଧନ ବେହେରା)** ସମାଜ କଲ୍ୟାଣ ଏବଂ ସାର୍ବଜନୀନ ସୁରକ୍ଷା ଉଦ୍ଦେଶ୍ୟରେ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ ପକ୍ଷରୁ ଦାନଗଦି ପିଏମ୍‌ଶ୍ରୀ ବୁଦ୍ଧ ରାଜା ସରକାରୀ ବିଦ୍ୟାପୀଠ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଅଗ୍ନି ନିରାପତ୍ତା ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। 'ନିରାପଦ ସ୍କୁଲ, ନିରାପଦ ହସ୍ପିଟାଲ ଏବଂ ଅଗ୍ନି ନିରାପତ୍ତା ସଚେତନ ସମାଜ – ଅଗ୍ନି ନିବାରଣ ପାଇଁ ଏକାଠି' ବିଷୟବସ୍ତୁ ଉପରେ ଛାତ୍ରୀଛାତ୍ର, ଶିକ୍ଷକ ଏବଂ ସ୍କୁଲ କର୍ମଚାରୀ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ବୁଦ୍ଧ ରାଜା ସରକାରୀ ବିଦ୍ୟାପୀଠରୁ ୪୬୦ ଛାତ୍ରୀଛାତ୍ର ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଶ୍ରେଣୀଗୃହ ଶିକ୍ଷା ଅଧିବେଶନ ଏବଂ ବ୍ୟବହାରିକ ପ୍ରଦର୍ଶନ ହୋଇଥିଲା। ସ୍କୁଲର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ର ର ସୁପରିଣ୍ଟେଣ୍ଡେଣ୍ଟ ଜ୍ୟୋତି ରଞ୍ଜନ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ୨୬ରେ ବିରଜା ଜ୍ୟୋତିର ରଜତ ଜୟନ୍ତୀ ସମାରୋହ

**ଯାଜପୁର ଟାଉନ,୧୮।୪ (ପ୍ରଯନ୍ତା ପ୍ରିୟଦର୍ଶିନୀ ମହାନ୍ତି):** ମା' ବିରଜା ଓ ଯାଜପୁରର ଐତିହ୍ୟ ଓ ସଂସ୍କୃତି ଆଧାରିତ ଗବେଷଣା ଧର୍ମୀ ସାଂସ୍କୃତିକ ପତ୍ରିକା ବିରଜା ଜ୍ୟୋତିର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ୨୬ତାରିଖ ରବିବାର ଯାଜପୁର ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ପତ୍ରିକାର ରଜତ ଜୟନ୍ତୀ ସମାରୋହ ପାଳିତ ହେବ। ଏଥିରେ ୩ ସୋପାନରେ ବିରଜା ସାହିତ୍ୟଚର୍ଚ୍ଚା, ବିରଜା କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେବ। ଏହିସମାରୋହରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ୨ କୁଳପତିଙ୍କ ସହ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ ବିରଜା ଜ୍ୟୋତି ଗବେଷକ ସମ୍ମାନ ବିଶିଷ୍ଟ ଐତିହ୍ୟ ଗବେଷକ ଦୁଷ୍ମନ୍ତ କୁମାର ନାୟକଙ୍କୁ ପ୍ରଦାନ କରାଯିବା ସହ ବିରଜା ସଂସ୍କୃତି ପ୍ରଚାର ପ୍ରସାରରେ ଅବଦାନ ପାଇଁ ୨୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ପତ୍ରିକା ମୁଖ୍ୟ ସମ୍ପାଦକ ତଥା ବିରଜା ଚେତନା ଗବେଷଣା ପରିଷଦର ଅଧ୍ୟକ୍ଷ ଜ୍ଞାନରଞ୍ଜନ ପତି ସୂଚନା ଦେଇଛନ୍ତି।

# କୋରେଇ ଥାନା ପକ୍ଷରୁ ଜଳଛତ୍ର

**କୋରେଇ,୧୮।୪(ଚନ୍ଦ୍ରକାନ୍ତ ପତି):** ଗ୍ରୀଷ୍ମପ୍ରବାହ ବଢ଼ିବାରେ ଲାଗିଛି। ଅସହ୍ୟ ତାତି ଓ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏହାକୁ ଆଖି ଆଗରେ ରଖି କୋରେଇ ଥାନା ପକ୍ଷରୁ ଥାନାଅଧିକାରୀ ରାକେଶ ତ୍ରିପାଠୀଙ୍କ ନେତୃତ୍ୱରେ ଜଳଛତ୍ର ଆରମ୍ଭ କରାଯାଇଛି। କୋରେଇ ବଜାର ଏକଜନବହୁଳ ଅଞ୍ଚଳ ହୋଇଥିବାରୁ ଦୋକାନ ବଜାର, ବାଟରେ ଯାଉଥିବା ସାଧାରଣ ଲୋକ ଓ ପଥଚାରୀଙ୍କ ପାଇଁ ଶୁଦ୍ଧ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଥାନାର ଏହି ପ୍ରୟାସକୁ ଅଞ୍ଚଳବାସୀ ବେଶ ପ୍ରଶଂସା କରିଛନ୍ତି।

# ଖଣି ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ୩ ଗିରଫ

**ପାଣିକୋଇଲି,୧୮।୪ (ବିକାଶ ଚନ୍ଦ୍ର ମଲ୍ଲିକ):** ପାଣିକୋଇଲି ପୋଲିସ ଶନିବାର ଖଣି ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଭଦ୍ରକ ତୋଡଙ୍ଗା ଗ୍ରାମର ଦୁଇ ଭାଇ ମାନସ ଜେନା (୩୮), ଜ୍ୟୋତି ରଞ୍ଜନ ଜେନା (୩୨) ଓ ଭଣ୍ଡାରୀ ପୋଖରୀ ଥାନା ଖପୁରିଆପଦା ଗ୍ରାମର ପ୍ରଦୀପ ବାରିକ (୩୬)।

ଗତ ଗୁରୁବାର ରାତିରେ ଯାଜପୁର ଜୁନିୟର ଖଣି ଅଧିକାରୀ ବିଶ୍ୱଜିତ ସ୍ୱାଇଁ ସଦଳବଳ ବୈତରଣ ବିଜ୍ର ନିକଟରେ ବାଲିଗାଡ଼ି ଯାଞ୍ଚ କରୁଥିଲେ। ଏହି ସମୟରେ ଆବଶ୍ୟକ କାଗଜପତ୍ର ନ ଥିବାରୁ ଏକ ବାଲି ବୋଝେଇ ହାଇୱା(ଓଡି ୨୨ଏସି ୯୭୫୭)କୁ ଜବତ କରିଥିଲେ। ଗାଡ଼ି ମାଲିକ ଜିପିଏସ ବନ୍ଦ କରିଦେବାରୁ ଖଣି ବିଭାଗ ଅଧିକାରୀ ଗାଡ଼ିକୁ ଆଣି ପାରି ନ ଥିଲେ। ଏହାପରେ ଖଣି ଅଧିକାରୀ ଚାଳକଙ୍କୁ କାବୁ କରି ପାଣିକୋଇଲି ଥାନା ଜିମା ଦେଇଥିଲେ। ଖଣି ଅଧିକାରୀ ସ୍ୱାଇଁ ଥାନାରୁ ଯାଜପୁର କାର୍ଯ୍ୟାଳୟକୁ ଫେରୁଥିବାବେଳେ ମୂଳାପାଳ ଛକରେ ଦୁର୍ବୃତ୍ତ ଗାଡ଼ି ଅଟକାଇ ତାଙ୍କୁ ଆକ୍ରମଣ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ଖଣିଅଧିକାରୀ ସ୍ୱାଇଁ ପୋଲିସକୁ ଫୋନ କରିଥିଲେ। ପାଣିକୋଇଲି ପୋଲିସ ପହଞ୍ଚି ଖଣିଅଧିକାରୀଙ୍କୁ ଉଦ୍ଧାର କରିବା ସହିତ ୨ ଦୁର୍ବୃତ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲା। ଏନେଇ ଥାନାରେ ଏକ ମାମଲା ନଂ.୧୨୫/୨୬ ରୁଜୁ ହୋଇଥିଲା ବୋଲି ତଦନ୍ତାଧିକାରୀ ଏସ୍‌ଆଇ ବିଶ୍ୱରଞ୍ଜନ ଦାସ ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତମାନେ।

# ୨୧ରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ବାହାଘର

## ପ୍ରସ୍ତୁତି ସମୀକ୍ଷା କଲେ ଜିଲାପାଳ

**ପାଣିକୋଇଲି,୧୮।୪ (ବିକାଶ ଚନ୍ଦ୍ର ମଲ୍ଲିକ):** ଯାଜପୁର ଜିଲା କୋରେଇ ବ୍ଲକ୍ ଅନ୍ତର୍ଗତ ମୂଳାପାଳସ୍ଥିତ ବାବା ଲିଙ୍ଗେଶ୍ୱର ପୀଠରେ ଶନିବାର ଜିଲାପାଳ ଅମ୍ବର କୁମାର କର ପହଞ୍ଚି ଆସନ୍ତା ୨୧ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ସମୀକ୍ଷା କରିଛନ୍ତି। ଉକ୍ତ ଦିନ ପଞ୍ଜୀକୃତ (ଦାରିଦ୍ର ସୀମା ରେଖା)ତଳେ ଥିବା ୬୪ ଯୋଡ଼ା ବରକନ୍ୟାଙ୍କ ବିବାହ ସମ୍ପନ୍ନ ହେବ। ଏହାମଧ୍ୟରେ ଯଦି ଆଉ କେହି ପଞ୍ଜୀକୃତ କରନ୍ତି ତେବେ ସେମାନଙ୍କୁ ମଧ୍ୟ ସାମିଲ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ବିବାହ ପାଇଁ ମନ୍ଦିର ପରିସରରେ ୧୫ ବେଦୀ ନିର୍ମାଣ କରାଯାଇଛି। ପ୍ରତି ବେଦୀରେ ୪ ଯୋଡ଼ା ବରକନ୍ୟାଙ୍କ ବିବାହ ସମ୍ପନ୍ନ କରାଯିବ।



ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟମାନେ।

ଏଥିନିମନ୍ତେ ୬୦ରୁ ଊର୍ଦ୍ଧ୍ୱ ବ୍ରାହ୍ମଣ ନିୟୋଜିତ କରାଯାଇଛି। ବରକନ୍ୟାଙ୍କ ସହ ଆସିଥିବା ପରିବାର ଓ ବନ୍ଧୁ ପରିଜନଙ୍କ ପାଇଁ ପ୍ରଶାସନ ପକ୍ଷରୁ ଖାଦ୍ୟ ବ୍ୟବସ୍ଥା କରାଯିବ। ଜିଲା ପ୍ରଶାସନର ଅଧିକାରୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ତଦାରଖ କରିବେ ବୋଲି ଜିଲାପାଳ କହିଛନ୍ତି।

ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଉପଜିଲାପାଳ ତାପସ କୁମାର ସାହୁ, ସମାଜ ମଙ୍ଗଳ ବୋର୍ଡ ଅଧିକାରୀ ପାର୍ବତୀ ସାହୁ, ପ୍ରୋଗ୍ରାମ ଅଫିସର ଲିଲି ଗାଗରାଇ, କୋରେଇ ସିଡିପିଓ ଶାନ୍ତିଲତା ବେସ୍ରା, ଜିଲା ମହିଳା ସୁରକ୍ଷା ଅଧିକାରୀ ସୁନନ୍ଦା ଦାସ, ସଖି ମ୍ୟାନେଜର ନିବେଦିତା ଶରଣ, ସଦାଶିବ ରାଉଳ, ଏମ୍‌ପିଙ୍କ ପ୍ରତିନିଧି ପ୍ରଦୀପ ଧଳ, ଲିଙ୍ଗେଶ୍ୱର କମିଟି ସଭାପତି ବସୁଦେବ ପରିଡ଼ା, ସମ୍ପାଦକ ବିଷ୍ଣୁଚରଣ ଧଳ, ଉପସଭାପତି ନାଣ୍ଟୁ ମଳିକ, ସହକାରୀ ସମ୍ପାଦକ ଅନିରୁଦ୍ଧ ସେଠୀ, କୋଷାଧ୍ୟକ୍ଷ ରମେଶ ସାହୁ, ମଦନମୋହନ ମାଝୀ, ଭବରଞ୍ଜନ ଧଳ ଓ ଅକ୍ଷୟ କୁମାର ଧଳ ପ୍ରମୁଖ ଉପସ୍ଥିତ ଥିଲେ।

**ନିଆଁଲାଗି ୨ ବଖରା ଜଳିଗଲା**

ପଟ୍ଟାମୁଣ୍ଡାଇ, (କଳ୍ପତରୁ ନାୟକ) : ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ପଞ୍ଚାୟତ ମାଳିପୁର ଗ୍ରାମର ଜ୍ୟୋତି ପ୍ରକାଶ ମଲିକଙ୍କ ଘରେ ଶନିବାର ଆକସ୍ମିକ ଅଗ୍ନିକାଣ୍ଡ ଘଟି ୨ ବଖରା ଛାଳ ଛପର ସମେତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଏଥିରେ ଘରେ ଥିବା ଆସବାବପତ୍ର, ସମେତ ବର୍ଷକର ଆହାର ପୋଡି ନଷ୍ଟ ହୋଇଯାଇଛି। ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ପ୍ରାଥମିକ ଅଟକଳରୁ ଜଣାପଡିଛି। ପଟ୍ଟାମୁଣ୍ଡାଇରୁ ଦମକଳ ଗାଡି ଯାଇ ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିବିପନ୍ନ ପରିବାରକୁ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ଖବରକାଗଜ ବିତରକ ଗୁରୁତର

ଡେରାବିଶ, ୧୮।୪( ବେବର୍ତ୍ତା ଅଜୟ ଦାସ)



ମହୁମାଛି ଆକ୍ରମଣରେ ଖବରକାଗଜ ବିତରକ ବିଜୟ କୁମାର ସାହୁ ଗୁରୁତର ହୋଇ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ବିଜୟ ପ୍ରତ୍ୟେକ ଦିନ ପରି ଶୁକ୍ରବାର ସକାଳୁ ପଞ୍ଚୁପାଣ୍ଡବ ଛକରୁ ଦୈନିକ ଖବରକାଗଜ ନେଇ ବିତରଣ କରିବା ପାଇଁ ଯାଉଥିଲେ। ହେଲେ ବ୍ଲକ ଅଧୀନ ସଦାନନ୍ଦପୁର ବଜାର ନିକଟରେ ଏକ ଗଛରେ ରହିଥିବା ମହିମାଛି ଅତର୍କିତ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ସେ ନିଜ ଜୀବନ ବଞ୍ଚାଇବା ପାଇଁ ଖବରକାଗଜ ଲଦିଥିବା ସାଇକେଲକୁ ଫୋପାଡ଼ି ଦୌଡ଼ିଥିଲେ ମଧ୍ୟ ମହୁମାଛିଙ୍କ ଆକ୍ରମଣରୁ ବର୍ତ୍ତୀ ପାରି ନ ଥିଲେ। ଶେଷରେ ଏକ ଗଛ ମୂଳେ ଅଚେତ ହୋଇ ପଡ଼ିଯାଇଥିଲେ। ଏହା ଦେଖି ସ୍ଥାନୀୟ ଗ୍ରାମବାସୀ ତୁରନ୍ତ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ।

### ନାବାଳିକା ଅପହରଣକାରୀ ଗିରଫ

ରାଜନଗର,୧୮।୪ (ଭାସ୍କର ରାଉତରାୟ)

ରାଜନଗର ଥାନା ଅନ୍ତର୍ଗତ କେରଡ଼ଗଡ଼ ଗ୍ରାମ ସହଦେବ ବେହେରା(୨୭) ଜଣେ ନାବାଳିକାଙ୍କୁ ୨୦୨୧ ଡିସେମ୍ବର ୧୧ରେ ଅପହରଣ କରିବା ଅଭିଯୋଗରେ ଶୁକ୍ରବାର ଗିରଫ ହୋଇଛନ୍ତି। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ପୋଲିସ ନଂ. ୫୦୩/୨୧ରେ ମାମଲା ରୁଜୁ କରିଥିଲା। ଶୁକ୍ରବାର ରାତିରେ ଆଇଆଇସି ନରେଶ କୁମାର ସାହୁଙ୍କ ନେତୃତ୍ୱରେ ଏକ ସର୍ଚ୍ଚ ଟିମ୍ ପାଟ୍ରୋଲିଂ କରୁଥିବାବେଳେ ସହଦେବଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଦଫା ୩୬୩, ୩୮୬ ଏବଂ ପୋକ୍ସୋ ଆଇନ ଅନୁସାରେ ମାମଲା ରୁଜୁ ହୋଇଥିବା ଆଇଆଇସି ସାହୁ କହିଛନ୍ତି।

### ନାବାଳିକା ବଳାତ୍କାର ମାମଲାରେ ଅଟୋ ଚାଳକଙ୍କୁ ଜେଲ

କେନ୍ଦ୍ରାପଡ଼ା, ୧୮।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଆଡହକ ଆଡିଶନାଲ ସେସନ୍ସ ଜଜ୍ କୋର୍ଟ ତଥା ଫାଷ୍ଟଟ୍ରାକ କୋର୍ଟରେ ୨୦୨୪ ମସିହାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଜଜ୍ ତ୍ରିବିକ୍ରମ କେଶରୀ ଚିହ୍ନରା ଏହି ମାମଲା (ଜିଆର କେସ ନଂ. ୬୬/୨୪)କୁ ବିଚାର କରି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା କାଠିଆପଡା ଗ୍ରାମର ଅଟୋ ଚାଳକ ପ୍ରତାପ ମଲ୍ଲିକ ଓରଫ ବୋଧିଆଙ୍କୁ ପୋକ୍ସୋ ଆଇନ ବଳରେ ୨୦ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୨୦ ହଜାର ଟଙ୍କା ଅନାଦେୟରେ ଅଧିକ ୬ ମାସ ଜେଲରେ ରହିବେ ବୋଲି ଉଲ୍ଲେଖ କରିଛନ୍ତି। ନାବାଳିକାଙ୍କ ଥଇଥାନ ବାବଦ ୫ ଲକ୍ଷ ଟଙ୍କା ଜିଲା ଆଇନସେବା ପ୍ରାଧିକରଣ ମାଧ୍ୟମରେ ପ୍ରଦାନ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ସରକାରୀ ଓକିଲ ସମର କିଶୋର ମହାପାତ୍ର କହିଛନ୍ତି, ୨୦୨୪ ଅଗଷ୍ଟ ୧୧ରେ ୮ ବର୍ଷର ନାବାଳିକା ଏକ ଶିବ ମନ୍ଦିରକୁ ବୋଲବମ ଶୋଭାଯାତ୍ରା ଦେଖିବାକୁ ଯାଇଥିଲେ। ସେଠାରେ ପ୍ରତାପ ଅଟୋରେ ନେଇ ଘରେ ଛାଡିଦେବାକୁ କହିଥିଲେ। ପ୍ରତାପ ତାଙ୍କୁ ଘରକୁ ନେବା ପରିବର୍ତ୍ତେ ତାଙ୍କ ଘରକୁ ନେଇ ବଳାତ୍କାର କରିଥିଲେ। ଏହି ଘଟଣାକୁ ପୀଡ଼ିତା ଘରେ କହିବା ପରେ ମା' ଗ୍ରାମାଞ୍ଚଳ ଥାନାରେ ୯ ତାରିଖରେ ଅଭିଯୋଗପତ୍ର ଦେଇଥିଲେ।

# ଆଶା ଆଶଙ୍କାରେ ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦାନ

କେନ୍ଦ୍ରାପଡ଼ା/ରାଜନଗର, ୧୮।୪
(ଜଗନ୍ନାଥ ଧଳ/ଭାସ୍କର ରାଉତରାୟ)

ବିରଳ ଅଲିଭ୍‌ରିଡ୍‌ଲେଙ୍କ ପ୍ରଜନନସ୍ଥଳ ଭାବେ ପରିଚିତ ବିଶ୍ୱବିଖ୍ୟାତ ଗହୀରମଥା ପରିବେଶବିତ୍‌ଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ସମୟ ଅବଧି ଗଡ଼ି ଯାଇଥିଲେ ମଧ୍ୟ ସମୁଦ୍ର ମଧ୍ୟରୁ ଅଲିଭ୍‌ରିଡ୍‌ଲେ ତଟାଞ୍ଚଳକୁ ସାମୂହିକ ଅଣ୍ଡାଦାନ ପାଇଁ ଯାଉନାହାନ୍ତି। ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ପ୍ରାୟ ୬ ଲକ୍ଷରୁ ଊର୍ଦ୍ଧ୍ୱ କଇଁଛ ଥିଲେ ମଧ୍ୟ ଅଣ୍ଡା ନ ଦେଇ ଫେରିଯିବା ଆଶଙ୍କା ସୃଷ୍ଟି ହୋଇଛି। ଅପରପକ୍ଷରେ ପାଗ ଅନୁକୂଳ ନ ଥିବାରୁ କଇଁଛ ଅଣ୍ଡା ଦେଇ ନ ଥିବା ବନ ବିଭାଗ ପକ୍ଷରୁ ମତପ୍ରକାଶ ପାଇଛି।

ଏ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ଅନସୂୟା ସାମଲ, ଅଶୋକ କୁମାର ସ୍ୱାଇଁ ପ୍ରମୁଖ କହିଛନ୍ତି, ଓଡ଼ିଶାର ୪୮୦ କିଲୋମିଟର ସମୁଦ୍ର ତଟାଞ୍ଚଳର ଗହୀରମଥା, ଦେବୀ ଓ ଋଷିକୁଲ୍ୟା ମୁହାଣରେ ଅଲିଭ୍‌ରିଡ୍‌ଲେଙ୍କ ପ୍ରଜନନସ୍ଥଳୀ। ତେବେ ଗହୀରମଥାର ୧୩୩୬ ବର୍ଗ କିଲୋମିଟର ସାମୁଦ୍ରିକ ଅଞ୍ଚଳର ପ୍ରାୟ ୩୫ ବର୍ଗ କିଲୋମିଟର ତଟାଞ୍ଚଳରେ ପ୍ରତିବର୍ଷ ଏହି କଇଁଛ ଅଣ୍ଡାଦାନ କରୁଛନ୍ତି। ଦକ୍ଷିଣରେ ବ୍ରାହ୍ମଣୀ ନଦୀ ମୁହାଣଠାରୁ ଉତ୍ତରରେ ଧାମରା ବନ୍ଦର ପର୍ଯ୍ୟନ୍ତ ବର୍ତ୍ତମାନ ଅଣ୍ଡାଦାନ କରୁଛନ୍ତି। ଗଞ୍ଜାମ ଜିଲାର ଦେବୀ ଓ ଋଷିକୁଲ୍ୟା ନଦୀ ମୁହାଣରେ ମାର୍ଚ୍ଚ ୧୪ରୁ ୧୭ ତାରିଖ ମଧ୍ୟରେ ୨ ଲକ୍ଷରୁ ଊର୍ଦ୍ଧ୍ୱ କଇଁଛ ଅଣ୍ଡାଦାନ କରିଥିବାବେଳେ ଗହୀରମଥାରେ ଏପ୍ରିଲ ପ୍ରଥମ ସପ୍ତାହ ମଧ୍ୟରେ କଇଁଛଙ୍କ ଅଣ୍ଡାଦାନ ଶେଷ ହେବ ବୋଲି ଆଶା କରାଯାଉଥିଲା। ମାତ୍ର ଏହି ସମୟ ଅବଧି ଗଡ଼ିଯାଇଛି। ତଟାଞ୍ଚଳରେ ଅଲିଭ୍‌ରିଡ୍‌ଲେ କଇଁଛଙ୍କୁ ଦେଖିବାକୁ ମିଳୁନାହିଁ। ବରୁଣେଇଠାରୁ ମାଇପୁରା ମୁହାଣ ପର୍ଯ୍ୟନ୍ତ ଦ୍ରୁତ ତଟକ୍ଷୟ ଜାରି ରହିଛି। ସେହିପରି ହୁକିଟୋଲା, ଏକକୁଳା, ହ୍ୱିଲର ଦ୍ୱୀପ ସଙ୍କୁଚିତ ହେଉଛି। ଅପରପକ୍ଷରେ ବିଶ୍ୱତାପନ ଅଣ୍ଡାଦାନ ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଥିବା ସମ୍ଭାବନା ଅଛି। ଏବେ ମଧ୍ୟ ବେଆଇନ ଭାବେ ନିର୍ମିତ ଚିଙ୍ଗୁଡ଼ି ଘେରିରୁ ବର୍ଜ୍ୟଜଳ ଗହୀରମଥାକୁ ପ୍ରଦୂଷିତ କରୁଛି। ପରିବେଶ ଓ ପାଣିପାଗ ସୁରକ୍ଷିତ ନ ଥିଲେ ଅଲିଭ୍‌ରିଡ୍‌ଲେ ଫେରିଯିବା ନିଶ୍ଚିତ। ପୂର୍ବରୁ ମଧ୍ୟ ଏପରି ଘଟଣା ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ପ୍ରାୟ ୪ ଥର ଅଲିଭ୍‌ରିଡ୍‌ଲେ ଅଣ୍ଡାଦାନ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଛି। ଏପରିକି ପୂର୍ବରୁ ପୁରୀ ଜିଲା ଚନ୍ଦ୍ରଭାଗା ଓ ହରଚଣ୍ଡୀ ତଟାଞ୍ଚଳକୁ ଅଲିଭ୍‌ରିଡ୍‌ଲେ ଅଣ୍ଡାଦାନ ପାଇଁ ଆସୁଥିଲେ। ପରିବେଶ ନଷ୍ଟ ଓ ବେଆଇନ ଟ୍ରଲର ଚଳାଚଳ ଯୋଗୁ ୨୦୧୨ରୁ ଏହି ଅଞ୍ଚଳରେ ସମୂହ ଅଣ୍ଡାଦାନ ହେଉନାହିଁ। ୧୯୭୦ ଦଶକରେ ସାତଭାୟାଠାରୁ ଏକକୁଳା ପର୍ଯ୍ୟନ୍ତ ବିରଳ ଅଲିଭ୍‌ରିଡ୍‌ଲେଙ୍କ ପ୍ରଜନନସ୍ଥଳୀ ଥିଲା। ୧୯୭୪ ମସିହାରେ ଏହା ନଜରକୁ ଆସିବା ପରେ ଗହୀରମଥା ସାମୁଦ୍ରିକ ଅଞ୍ଚଳ ଏହି ବିରଳ ଜୀବଙ୍କ ପାଇଁ ଉପଯୁକ୍ତ ସ୍ଥଳ ବୋଲି ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ଯୋଗାଇ ଦିଆଯାଉଛି। ମାତ୍ର ବିଭିନ୍ନ କାରଣରୁ ଅଣ୍ଡାଦାନ ନ କରି ଅଲିଭ୍‌ରିଡ୍‌ଲେ ଫେରିଯାଉଛନ୍ତି ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକଟ କରିଛନ୍ତି। ଏ ସମ୍ପର୍କରେ ରାଜନଗର ଡିଭିଜନ ବନ ଅଧିକାରୀ ଭରଦରାଜ ଗାଓଁକରଙ୍କୁ ପଚାରିବାରେ ଅଣ୍ଡାଦାନ ବିଳମ୍ବ ହୋଇଛି। ଅଦ୍ୟାବଧି ସମୁଦ୍ର ମଧ୍ୟରେ ଅଲିଭ୍‌ରିଡ୍‌ଲେ କଇଁଛ ଅଛନ୍ତି। ପାଗ ଅନୁକୂଳ ହେଲେ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହେବା ସମ୍ଭାବନା ଅଛି ବୋଲି ସେ କହିଛନ୍ତି।

## ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ଧାରଣା

ମାର୍ଶାଘାଇ,୧୮।୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ କୁସୁନପୁର ଗ୍ରାମ ରାସ୍ତାକୁ ଜବରଦଖଲ କରି ଜଣେ ବ୍ୟକ୍ତି ଘର ତିଆରି କରୁଥିବାରୁ ସେହି କାର୍ଯ୍ୟ ବନ୍ଦ କରିବା ଏବଂ ଜବରଦଖଲ ଉଚ୍ଛେଦ ଦାବିରେ ମହିଳାମାନେ ଶନିବାର ଦିନତମାମ ତହସିଲ କାର୍ଯ୍ୟାଳୟରେ ବସି ରହିଥିଲେ। ଜବରଦଖଲକାରୀ ଘର ତିଆରି କରି ଦେଲେ ତାଙ୍କ ଘର ପରେ ଥିବା ୨୦ ପରିବାରଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି ହେବ ବୋଲି ଧାରଣାକାରୀ ମହିଳାମାନେ କହିଛନ୍ତି। ବର୍ଷେ ତଳେ ଅଭିଯୋଗ କରାଯାଇଥିବାବେଳେ ଏପ୍ରିଲ ୬ରେ ସରକାରୀ ମାପଚୁପ କରାଯାଇ ଜବରଦଖଲ ଉଚ୍ଛେଦ କରାଯିବା ନେଇ ଦିନ ଧାର୍ଯ୍ୟ କରାଯାଇଥିଲା। ମାତ୍ର ସେଦିନ କରା ନ ଯାଇ ପୁଣି ଶନିବାରକୁ ଦିନ ଧାର୍ଯ୍ୟ ହୋଇଥିଲା। ଶନିବାର ମାପଚୁପ କରାଯିବା ନେଇ ତହସିଲ କାର୍ଯ୍ୟାଳୟ ପକ୍ଷରୁ କୌଣସି ତତ୍ପରତା ଦେଖା ନ ଯିବାରୁ ୨୦ରୁ ଅଧିକ ମହିଳା ତହସିଲ କାର୍ଯ୍ୟାଳୟରେ ଧାରଣାରେ ବସି ରହିଥିଲେ। ଖବରପାଇ ଅପରାହ୍ନରେ ମାର୍ଶାଘାଇ ଥାନା ଆଇଆଇସି ନାରାୟଣ ସାହୁ, ସବ୍‌ଇନ୍ସପେକ୍ଟର ଧରିତ୍ରୀ ଜେନାଙ୍କ ନେତୃତ୍ୱରେ ପୋଲିସ ଟିମ୍ ପହଞ୍ଚି ଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶ ମତେ ମେ ୧୨ ତାରିଖକୁ ଉକ୍ତ ଘଟଣାର ଶୁଣାଣି ପାଇଁ ଦିନ ସ୍ଥିର ହୋଇଥିବା ନେଇ ତହସିଲଦାର ଶ୍ରୀକାନ୍ତ ପରିଜା କହିଥିଲେ। ପୋଲିସ ଉପସ୍ଥିତିରେ ତହସିଲଦାର ପରିଜା ବୁଝାଶୁଝା କରିବା ପରେ ମହିଳାମାନେ ଧାରଣାରୁ ଉଠି ଯାଇଥିଲେ।



ନିର୍ମାଣ କାମ ବନ୍ଦ କରିବାକୁ ତହସିଲ ସମ୍ମୁଖରେ ଧାରଣା ଦେଇଥିବା ମହିଳାମାନେ।

## ବାଲୁକା ଶିଳ୍ପୀ ସମ୍ବର୍ଦ୍ଧିତ

ଆଳି,୧୮।୪(ବନମାଳୀ ସେନାପତି)

ବିଶ୍ୱକଳା ଦିବସ ଅବସରରେ ଧଉଳି ଚାରୁକଳା ମହାବିଦ୍ୟାଳୟ ପରିସରରେ ଚିତ୍ରକଳା ପ୍ରଦର୍ଶନ କରାଯାଇଥିଲା। ସେଠାରେ ଭାରତର ବହୁତ ସୁନାମଧନ୍ୟ ଶିଳ୍ପୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଆଳି ଅଞ୍ଚଳର ବାଲୁକା ତଥା ଚିତ୍ରଶିଳ୍ପୀ ଯତୀନ ଦାସଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହାକୁ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଞ୍ଚାନନ ସାମଲ, ସେକ୍ରେଟାରୀ ରବିଶଙ୍କର ଦାସ, ଚିତ୍ରଶିଳ୍ପୀ ଚିନ୍ତାମଣି ବିଶ୍ୱାଳ, ସରସୀ ଦାସ ଉପସ୍ଥିତ ରହି ବିଶ୍ୱକଳା ଦିବସ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ଭାରତର ସୁନାମ ଧନ୍ୟ ଚିତ୍ର ଶିଳ୍ପୀମାନଙ୍କ ସହିତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ପାନୀୟ ଜଳ ପ୍ରକଳ୍ପ, ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

ଆଳି,୧୮।୪(ବନମାଳୀ ସେନାପତି )

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଚଣ୍ଡିଆଗଡ଼ି ପଞ୍ଚାୟତରେ ଜଳ ଜୀବନ ମିଶନ ଯୋଜନାରେ ଏକ ପାନୀୟ ଜଳ ପ୍ରକଳ୍ପ ସହ ଅଙ୍ଗନୱାଡି କେନ୍ଦ୍ରର ନୂତନ ଗୃହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଚଣ୍ଡିଆଗଡ଼ି ସରପଞ୍ଚ ସନାତନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚଣ୍ଡିଆଗଡ଼ି ଖେଳପଡ଼ିଆଠାରେ ଜଳ ଜୀବନ ମିଶନ ଯୋଜନାରେ ନବନିର୍ମିତ ପାନୀୟ ଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ପୂର୍ବରୁ ପାନୀୟ ଜଳ ପ୍ରକଳ୍ପରୁ ପାଣି ଯାଉଥିଲେ ମଧ୍ୟ ଆବଶ୍ୟକତା ଅନୁଯାୟୀ ପାଣି ମିଳୁ ନ ଥିଲା। ଏହି ପାନୀୟ ଜଳ ପ୍ରକଳ୍ପ ଯୋଗୁ ଲୋକମାନେ ପାଇପ୍ ଯୋଗେ ଠିକ୍ ଭାବେ ପାଣି ପାଇବେ ବୋଲି ବିଧାୟକ ପ୍ରକାଶ କରିଛନ୍ତି। ସେହିପରି ବଳଦେବଜୀଉ ପାଟଣା ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ରର ନୂତନ ଗୃହ ମଧ୍ୟ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀ, ସିଡିପିଓ ମାମିନାବାଳା ପଣ୍ଡା, ଚଣ୍ଡିଆଗଡ଼ି ସମିତିସଭ୍ୟ ରାମଚନ୍ଦ୍ର ଦାସଙ୍କ ସମେତ ପଞ୍ଚାୟତର ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ପୁଣି କଲେଜ ସୁବର୍ଣ୍ଣ ଜୟନ୍ତୀ ପାଳନକୁ ବିରୋଧ

ପଟ୍ଟାମୁଣ୍ଡାଇ, ୧୮।୪ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ କଲେଜରେ ୫୦ ବର୍ଷ ପୂର୍ତ୍ତି ଅବସରରେ ୨୦୨୦ରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଇଥିଲା। ପୁଣି ୫୬ବର୍ଷ ପରେ ୨୦୨୬ରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଇବାକୁ କଲେଜ ପକ୍ଷରୁ ପ୍ରସ୍ତୁତି ସରିଛି। ଏ ନେଇ ଆସନ୍ତା ୨୧ରୁ ୩ଦିନ ଧରି କଲେଜରେ ପାଳନ ହେବାକୁ ସ୍ଥିର ହୋଇଛି। ମାତ୍ର ଏହାକୁ ପୁରାତନ ଛାତ୍ର ସଂସଦର ପୂର୍ବତନ ସଭାପତିଙ୍କ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ବିରୋଧ କରିଛନ୍ତି। ଏ ସମ୍ପର୍କରେ ସେମାନେ ଶନିବାର ପଟ୍ଟାମୁଣ୍ଡାଇ ମଙ୍ଗଳା ମଣ୍ଡପରେ ଖବରଦାତା ସମ୍ମିଳନୀ କରି ବର୍ତ୍ତମାନ ଉତ୍କଳ ବିଶ୍ୱବିଦ୍ୟାଳୟରେ ପରୀକ୍ଷା ଚାଲିଥିବା ବେଳେ ପିଲାଙ୍କ ଭବିଷ୍ୟତକୁ ଅଣଦେଖା କରି ବର୍ତ୍ତମାନର କଲେଜ ଅଧ୍ୟକ୍ଷ ପୁଣି ସୁବର୍ଣ୍ଣ ଜୟନ୍ତୀ ଆଳରେ କଲେଜ ଅର୍ଥ ଅପବ୍ୟୟ କରାଇବା ମସୁଧାକୁ ସେମାନେ ଦୃଢ ନିନ୍ଦା କରିଛନ୍ତି।

ପଟ୍ଟାମୁଣ୍ଡାଇ କଲେଜ ଛାତ୍ର ସଂସଦ ପୂର୍ବତନ ସଭାପତି ଆଇନଜୀବୀ ଗୋପୀନାଥ ତ୍ରିପାଠୀ, ଆଇନଜୀବୀ ବିରକିଶୋର ଦାଶ, ଛାତ୍ର ନେତା ବିଶ୍ୱନାଥ ସାହୁ, କାଉନସିଲର ଗୋପୀବଲ୍ଲଭ ନାୟକ ଏ ନେଇ କହିଛନ୍ତି, ୧୯୭୦ରେ ପଟ୍ଟାମୁଣ୍ଡାଇ କଲେଜର ସ୍ଥାପନା ହୋଇଥିଲା। ଗତ ୫ ଦଶନ୍ଧିରୁ ଊର୍ଦ୍ଧ୍ୱ ଏହି ଶିକ୍ଷାନୁଷ୍ଠାନରେ ବହୁ ପିଲା ଉତୀର୍ଣ୍ଣ ହୋଇ ସାମାଜିକସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି। ବର୍ତ୍ତମାନି ପୁରାତନ ଶିକ୍ଷାର୍ଥୀ କଲେଜର ମଙ୍ଗଳ ପାଇଁ କାର୍ଯ୍ୟ କରୁଛନ୍ତି। କଲେଜକୁ ୨୦୨୦ରେ ୫୦ବର୍ଷ ପୁରିବାରୁ ଜୁନରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ହୋଇଥିଲା। ଉକ୍ତ ଉତ୍ସବରେ ଯୋଗଗୁରୁ ପ୍ରଜ୍ଞାନାନନ୍ଦ ଜୀ ଯୋଗଦେଇଥିବାବେଳେ ରାଜନଗର ବିଧାୟକ ଧ୍ରୁବ ସାହୁ, ତତ୍କାଳୀନ କଲେଜର ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଦାଶ ଓ ପୂର୍ବତନ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ପରିଡା, ରମେଶ ଚନ୍ଦ୍ର ଜେନା ଓ ଦେବବ୍ରତ ପ୍ରଧାନଙ୍କ ସମେତ ବହୁ ଅତିଥି ଯୋଗ ଦେଇଥିଲେ। ଯାହକୁ ନେଇ ବିଭିନ୍ନ ଗଣମାଧ୍ୟମରେ ୨୦୨୦ ଜୁନ ୮ ତାରିଖ ଖବର ପ୍ରକାଶ ପାଇଥିଲା। ମାତ୍ର ବର୍ତ୍ତମାନର କଲେଜ ଅଧ୍ୟକ୍ଷ ଓ କେତେଜଣ ପୁରାତନ ଶିକ୍ଷାର୍ଥୀଙ୍କୁ ନେଇ କୌଣସି ଉଦ୍ଦେଶ୍ୟମୂଳକ ଭାବେ ଉତ୍ସବ ଆୟୋଜନ କରାଉଛନ୍ତି। ଯାହାକୁ ନେଇ ଜନମାନସରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଏକ ପଦକ୍ଷେପ କଲେଜର କୌଣସି ଦୃଷ୍ଟିରୁ ମଙ୍ଗଳ କର ନୁହଁ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କୁ ପଚାରିବାରେ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଷ୍ଟାଫ କାଉନ୍ସିଲିଂରେ ନିଷ୍ପତ୍ତି ହେଲା। ଏଥିନେଇ ନୂତନ ଓ ପୁରାତନ ଛାତ୍ର ସଙ୍ଗଠନ ଗଠିତ ହେଲା। ଉଭୟଙ୍କ ମିଳିତ ସହଯୋଗରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ହେଉଛି। ଏହାକୁ କଲେଜ ପରିଚାଳନା ସମିତି ସଭାପତିଙ୍କ ସମ୍ମତି ରହିଛି। ଅତୀତରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ହୋଇନାହିଁ ବୋଲି ସେ କହିଛନ୍ତି।



ଖବରଦାତା ସମ୍ମିଳନୀରେ କଲେଜର ପୁରାତନ ଛାତ୍ରମାନେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପଦ୍ମିନୀ



@ ଆଶୁତୋଷ



@ ସୁଶାନ୍ତ



@ ସୁଶୀଲ



@ ଶକ୍ତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରଜାଙ୍ଗ ପ୍ରାଥମିକ ବିଦ୍ୟାଳୟ ଗୃହ ଉଦ୍‌ଘାଟିତ



ବିଦ୍ୟାଳୟ ନୂତନ ଗୃହ ଉଦ୍‌ଘାଟନ ଉତ୍ସବରେ ଅତିଥିଙ୍କ ଗହଣରେ ପିଲାମାନେ।

ଡେରାବିଶ ୧୮।୪ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର, ଆୟର ଶନିବାର ଡେରାବିଶ ଗସ୍ତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ରଜାଙ୍ଗ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହକୁ ଉଦ୍‌ଘାଟନ କରିଛନ୍ତି। ପୂର୍ବାହ୍ନରେ ଜିଲାପାଳ ଆୟର ରଜାଙ୍ଗ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୯୫୪ରେ ସ୍ଥାପିତ ଏହି ବିଦ୍ୟାଳୟ ଦୀର୍ଘଦିନ ଧରି ଭିତ୍ତିଭୂମିର ଉନ୍ନତିକରଣ କାର୍ଯ୍ୟ ହୋଇପାରି ନ ଥିଲା। ଗୃହ ଅଭାବରୁ ଛାତ୍ରୀଛାତ୍ର ଅସୁବିଧାରେ ପାଠପଢା ପଢୁଥିବା ବେଳେ ସନ୍ଧ୍ୟାରେ ବିଦ୍ୟାଳୟ ପରିସର ଅସାମାଜିକ ବ୍ୟକ୍ତିଙ୍କ ଆଡାସ୍ଥଳ ପାଲଟି ଥିଲା। ମାତ୍ର ଗ୍ଲୋବାଲ ସାଇ ଟ୍ରଷ୍ଟର ହ୍ୟୁମାନିଟାରିଆନ ମିଶନ ପକ୍ଷରୁ ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରାଯାଇଥିଲା। ପ୍ରାୟ ୪ ମାସ ପୂର୍ବରୁ ଏହାର ଉନ୍ନତି କାର୍ଯ୍ୟର ଶୁଭାରମ୍ଭ ହୋଇଥିବା ବେଳେ ଜିଲାପାଳଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟରେ ବିଦ୍ୟାଳୟର ନବୀକରଣ କାମ ସମ୍ପନ୍ନ ହୋଇଛି। ଏଥିରେ ଶ୍ରେଣୀ ଗୃହ ନର୍ମାଣ, ଅଙ୍ଗନୱାଡି ଗୃହ ଉନ୍ନତି, ସୁରକ୍ଷା ପ୍ରାଚୀର, ସୌର ଶକ୍ତି ଯୋଗାଣ, ରାସ୍ତା ନିର୍ମାଣ, ଭୋଜନ କକ୍ଷ, ଡେସ୍କ-ବେଞ୍ଚ ଓ ଖେଳ ସାମଗ୍ରୀ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ସାଇ ଟ୍ରଷ୍ଟ ପକ୍ଷରୁ ସଞ୍ଜୟ ଲାକାନ୍ଦ୍ରୀ ଓ ପି.ବି. କୃଷ୍ଣମୋହନଙ୍କ ଉପସ୍ଥିତିରେ ବିଦ୍ୟାଳୟକୁ ଜିଲାପାଳଙ୍କୁ ହସ୍ତାନ୍ତର କରାଯାଇଥିଲା। ଜିଲାପାଳ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରି ଏହାର ତଦାରଖ କରିବା ପାଇଁ ପ୍ରଧାନ ଶିକ୍ଷକ ମନୋରଞ୍ଜନ ନାୟକଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଜିଲାପାଳଙ୍କ ସମେତ କେନ୍ଦ୍ରାପଡ଼ା ଏମ୍‌ପିଙ୍କ ପ୍ରତିନିଧି ଧ୍ରୁବ ଚରଣ ରାଉତ ଓ ମହିମା ସ୍ୱାଇଁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷୟିତ୍ରୀ ଶୁଭସ୍ମିତା ମିଶ୍ର ଓ ଅଙ୍ଗନୱାଡି କର୍ମୀ କିରଣବାଳା ପରିଡ଼ାଙ୍କ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ଶିଶୁ ଜୀବନରେ ଶିକ୍ଷାର ମହତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ




ଉତ୍ସବରେ ମଞ୍ଚାସୀନ ଅତିଥି।

କେନ୍ଦ୍ରାପଡ଼ା, ୧୮।୪ (ଜଗନ୍ନାଥ ଧଳ)

କୁମ୍ଭକାରଙ୍କ ହାତର ମାଟିପେଣ୍ଡୁଳା ପରବର୍ତ୍ତୀ ସମୟରେ ସୁନ୍ଦର ମୂର୍ତ୍ତିରେ ପରିଣତ ହୁଏ। ସେହିପରି ଶିଶୁଙ୍କ ଉପଯୁକ୍ତ ଶିକ୍ଷା ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ। ଏଥିପାଇଁ ଉପଯୁକ୍ତ ପରିବେଶ, ଭିତ୍ତିଭୂମି ଓ ଦିଗ୍‌ଦର୍ଶକ ଆବଶ୍ୟକ; ଯାହା ମାରୁତି ଇଣ୍ଟରନ୍ୟାଶନାଲ ସ୍କୁଲ ଉଡାନ୍ ଏକ ନୟୀ ଶୋଚ ମାଧ୍ୟମରେ କରିପାରିଛି। ତେବେ ଏହା ଏକ ମିଶନ ହେଉ ବୋଲି ସ୍କୁଲର ଶୁକ୍ରବାର ବାର୍ଷିକ ଉତ୍ସବରେ ଅତିଥିମାନେ ମତ ଦେଇଛନ୍ତି। ସ୍କୁଲ ପରିଚାଳନା ଅଧ୍ୟକ୍ଷ ପ୍ରସନ୍ନ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଇଓ ନାରାୟଣ ମନ୍ତ୍ରୀ, ବରିଷ୍ଠ ଭାଜପା ନେତା ଭୁବନମୋହନ ଜେନା, ଓଷ୍ଟା ସମ୍ପାଦକ ଭଗବାନ ସାହୁ, ଶିକ୍ଷାବିତ୍ ଡ. କୈଳାସ ଚନ୍ଦ୍ର ଲେଙ୍କା, ବଣିକ ସଂଘ ସଭାପତି ସନାତନ ମୁଦୁଲି, ସମିତିସଭ୍ୟ ଦେବାଶିଷ ଦାସ, ଅଭିମନ୍ୟୁ ଗୋଚ୍ଛାୟତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଶିଶୁ ଜୀବନରେ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲ ଅଧ୍ୟକ୍ଷା ମିତା ମହାକୁଡ଼ ସ୍କୁଲ ସମ୍ପର୍କରେ ସମ୍ୟକ୍ ସୂଚନା ଦେଇଥିଲେ। ଏହାକୁ ରେଣୁବାଳା ତ୍ରିପାଠୀ, ତିଳୋତ୍ତମା ସାହୁ, ଶର୍ମିଷ୍ଠା ରାଉଳ, ବ୍ରଜେନ୍ଦ୍ର ମିଶ୍ର, ସୁମିତା ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଆଦିବାସୀ, ପାରମ୍ପରିକ ନୃତ୍ୟ ସଙ୍ଗୀତରେ ଝୁମିଲେ ଦର୍ଶକ

**ଜମ୍ବୁଦ୍ୱୀପ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

ମହାକାଳପଡ଼ା, ୧୮।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ମା' ରାମଚଣ୍ଡୀଙ୍କ ପୀଠଠାରେ ଜମ୍ବୁଦ୍ୱୀପ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଶନିବାର ମୁକ୍ତାକାଶ ରଙ୍ଗମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାରମ୍ପରିକ ଆଦିବାସୀ ନୃତ୍ୟ, ସଙ୍ଗୀତରେ ଉପସ୍ଥିତ ଦର୍ଶକମାନେ ଝୁମିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ସମ୍ବଲପୁରୀ ଡାଲ୍‌ଖାଇ ନୃତ୍ୟ, ସଙ୍ଗୀତ, ରଙ୍ଗବତୀ ନୃତ୍ୟ, ସଙ୍ଗୀତ ଗାନରେ ଉପସ୍ଥିତ ଅତିଥି ଓ ଦର୍ଶକ ବିଭୋର ହୋଇଥିଲେ। ଏହି ଅବସରରେ ମହୋତ୍ସବରେ ପ୍ରଭୁ ଜଗନ୍ନାଥ ଓ ମା' ରାମଚଣ୍ଡୀଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଅତିଥିମାନେ ଆନୁଷ୍ଠାନିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲା ପ୍ଲାନିଂ ବୋର୍ଡ ଅଧ୍ୟକ୍ଷ ତଥା ପାଲଲହଡା ବିଧାୟକ ଅଶୋକ କୁମାର ମହାନ୍ତି ଯୋଗଦେଇ କଳା ସଂସ୍କୃତି ନୌବାଣିଜ୍ୟ ପରମ୍ପରା ଓଡ଼ିଆ ଅସ୍ମିତାକୁ ବହନ କରିଥିବା ଐତିହାସିକ ଜମ୍ବୁ ଦ୍ୱୀପ ମହୋତ୍ସବର ପ୍ରଶଂସା କରିଥିଲେ। ଜମ୍ବୁ ଦ୍ୱୀପ ମହୋତ୍ସବ ପାଳନ କରିବା ପରିକଳ୍ପନା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକଙ୍କ ସମ୍ଭବ ହୋଇପାରିଛି। ମୁଖ୍ୟବକ୍ତା ଭାବେ ଫୁଲବାଣୀ ବିଧାୟକ ଉମା ଚରଣ ମଲିକ ଯୋଗଦେଇ ମହୋତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଅରୁଣ କୁମାର ନାୟକ, ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି ପ୍ରମୁଖ ଯୋଗଦେଇ ମହୋତ୍ସବ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ମଞ୍ଚ ସମ୍ମୁଖରେ ଉପସ୍ଥିତ ଥିବା ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ପ୍ରଶାନ୍ତ କୁମାର ସେଠୀ, ସରୋଜ କାନ୍ତ ସାହୁ, କ୍ରୀଷ୍ଣପଦ ମଣ୍ଡଳ, ଅଭିଜିତ ଗୌତମ ଦାସଙ୍କ ସମେତ ବହୁସଂଖ୍ୟାରେ ଦର୍ଶକ ଉପସ୍ଥିତ ଥିଲେ।



ମଞ୍ଚରେ କଳାକାରମାନଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷଣ।

# ଖାକିରେ କଳଙ୍କ: ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ

ନୟାଗଡ଼,୧୮।୪(ଲୋକନାଥ ମିଶ୍ର)

- ଅଡିଓ ଭାଇରାଲ ପରେ ହରଡ଼ଘଣାରେ ଏସ୍‌ଡିପିଓ
- ଏସ୍‌ଡିପିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ନିଲମ୍ବନ ଦାବି

ନୟାଗଡ଼ ଜିଲା ଫତେଗଡ଼ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ପ୍ରେମପୂର୍ଣ୍ଣ କଥା ଓ ଅଶ୍ଳୀଳ ଆଲୋଚନାର ଅଡିଓ ଏବଂ ହ୍ୱାଟ୍ସଆପ୍‌ରେ ଚାଟିଂ ଭାଇରାଲ ହେବା, ଶାରୀରିକ ସମ୍ପର୍କ ନ ରଖିଲେ ମିଥ୍ୟା କେସ୍‌ରେ ଫସାଇଦେବା ଧମକ ପରି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପରେ ଜାତୀୟ ମାନବିକ ଅଧିକାର କମିଶନଙ୍କ ନିକଟରେ ମାମଲା ହୋଇଛି। ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନଙ୍କ ନାମରେ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ୮୫୪୫/୨୬ରେ ମାମଲା ପରେ ଖାକିରେ କଳଙ୍କ ଲାଗିଥିବାର ଅଭିଯୋଗ ହୋଇଛି। ଏହି ଘଟଣାରେ ଜାତୀୟ ମାନବ ଅଧିକାର କମିଶନ ହସ୍ତକ୍ଷେପକରି ଖଣ୍ଡପଡ଼ା ଏସ୍‌ଡିପିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଚାକିରିରୁ ନିଲମ୍ବନ କରିବାକୁ ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ନିବେଦନ କରିଛନ୍ତି। ସମ୍ପୃକ୍ତ ମାମଲାରେ ଏସ୍‌ପି ନୟାଗଡ଼, ସେଣ୍ଟ୍ରାଲ ଡିଆଇଜି କଟକ, ଡିଜି, ଗୃହ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ପକ୍ଷଭୁକ୍ତ କରାଯାଇଛି । ଅଭିଯୋଗ ଅନୁସାରେ ରାଜ୍ୟର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁସାରେ ଫତେଗଡ଼ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଖଣ୍ଡପଡ଼ା ଏସ୍‌ଡିପିଓ ଫୋନ୍ ଓ ହ୍ୱାଟ୍ସଆପ ମାଧ୍ୟମରେ ଅଶ୍ଳୀଳ ବାର୍ତ୍ତା ସହ ବିଭିନ୍ନ ସ୍ଥାନକୁ ଖରାପ ଉଦ୍ଦେଶ୍ୟ ନେଇ ଡାକିଥିଲେ। ପୁଣି ଶାରୀରିକ ସମ୍ପର୍କ ରଖିବାକୁ ବାଧ କରାଇଥିଲେ । ଏସ୍‌ଡିପିଓ ଓ ମହିଳାଙ୍କ ବାର୍ତ୍ତାଳପ ଏବଂ ହ୍ୱାଟ୍ସଆପ ଚାଟିଂ ଭାଇରାଲ ହେଉଥିବା ବେଳେ ସମ୍ପୃକ୍ତ ମହିଳା ନ୍ୟାୟ ପାଇଁ ପୋଲିସ ଡିଜିଙ୍କୁ ଅଭିଯୋଗ କରିଥିବା ଦର୍ଶାଯାଇଛି ।

## ଏସ୍‌ଡିପିଓଙ୍କ କାର୍ଯ୍ୟକଳାପକୁ କଂଗ୍ରେସର ନିନ୍ଦା

ଡବଲ ଇଞ୍ଜିନ ସରକାରରେ ମହିଳାଙ୍କୁ ସୁରକ୍ଷା ବଦଳରେ ଏସ୍‌ଡିପିଓଙ୍କ ଅଭଦ୍ରୋଚିତ ଆଚରଣ ଓ ଉଚ୍ଚାରଣ ସମେତ ଧମକକୁ କଂଗ୍ରେସ ପକ୍ଷରୁ ନିନ୍ଦା କରାଯାଇଛି । ସରକାର ବଦଳିବା ପରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିଯାଇଛି ବୋଲି କୁହାଯାଇଛି। ୨ବର୍ଷର ସରକାରରେ ମହିଳାଙ୍କ ଉପରେ ଅତ୍ୟାଚର ବଢ଼ିଥିବା ବେଳେ ସୁରକ୍ଷା ଦେବାରେ ପୋଲିସ ଅସମର୍ଥ ହୋଇଛି । ସବୁ ଘଟଣାରେ ପୋଲିସର ହସ୍ତକ୍ଷେପ ଓ ମହିଳାଙ୍କୁ ନ୍ୟାୟ ନ ମିଳିବା ଘଟଣା ଚିନ୍ତାର କାରଣ ହୋଇଛି। ଫତେଗଡ଼ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ପ୍ରେମପୂର୍ଣ୍ଣ କଥା ଓ ଅଶ୍ଳୀଳ ଆଲୋଚନାର ଅଡିଓ ଏବଂ ହ୍ୱାଟ୍ସଆପ୍‌ରେ ଚାଟିଂ ଭାଇରାଲ ହେବା, ଶାରୀରିକ ସମ୍ପର୍କ ନ ରଖିଲେ ମିଥ୍ୟା କେସ୍‌ରେ ଫସାଇଦେବା ଧମକ ପୋଲିସର ଅସଲ ମୁଖାକୁ ଖୋଲି ଦେଇଛି । ଏଭଳି ପୋଲିସ ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଖଣ୍ଡପଡ଼ା ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଏ ସମ୍ପର୍କରେ ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନଙ୍କୁ ଫୋନ କରାଯାଇଥିଲା। ସେ ଫୋନ ଉଠାଇଥିଲେ ମଧ୍ୟ ଘଟଣା ସମ୍ପର୍କରେ ମୁହଁ ଖୋଲି ନ ଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ମଣ୍ଡଳସ୍ତରୀୟ ଜନଶୁଣାଣି



ମଣ୍ଡଳସ୍ତରୀୟ ଜନଶୁଣାଣିରେ ଉପସ୍ଥିତ ଅଧିକାରୀମାନେ ।

ନୟାଗଡ଼,୧୮।୪(ଲୋକନାଥ ମିଶ୍ର)

**୨୬୮ ତ୍ରୁଟିର ସମୀକ୍ଷା ପରେ ସୁଧାରିବାକୁ ଦିଆଗଲା ସମୟ**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ମଣ୍ଡଳସ୍ତରୀୟ ଜନଶୁଣାଣି ଶିବିର ନୟାଗଡ଼ ବ୍ଲକ ନୂତନ ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିସଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ପ୍ରଶାସନ) ଜିତେନ୍ଦ୍ର କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ପଞ୍ଚାୟତରୁ ସାମାଜିକ ସମୀକ୍ଷା ସମୟରେ ଆସିଥିବା ୨୬୮ ତ୍ରୁଟି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏଥିରୁ ପ୍ରକ୍ରିୟା ଉଲ୍ଲଂଘନ ୨୪୯। ଅଧିକାଂଶ ପଞ୍ଚାୟତରେ ସୂଚନାଫଳକ ନ ଲଗାଇ ଉନ୍ନୟନ କାର୍ଯ୍ୟ କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇବ ସହ ତାଗିଦା କରାଯାଇଥିଲା। ପୁଣି ଅଧିକାଂଶ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟର ରେକର୍ଡ ଠିକ୍‌ରେ ପ୍ରସ୍ତୁତ ହୋଇ ନ ଥିଲା, ଯାହାକି ଆଲୋଚନାରେ ସ୍ଥାନ ପାଇଥିଲା। ପୁଣି କେତେକ ପଞ୍ଚାୟତରେ ଜବ୍‌କାର୍ଡ ଅପ୍‌ଡେଟ୍ ହୋଇ ନ ଥିଲା। ସେହିଭଳି ଆର୍ଥିକ ବିଚ୍ୟୁତି ୧୧, ଆର୍ଥିକ ଅନିୟମିତତାରେ ୨ ଏବଂ ଅଭିଯୋଗ ବାବଦ ୬ ଗୋଟି ସମସ୍ୟା ରହିଛି। ତ୍ରୁଟିଗୁଡିକ ସମ୍ବନ୍ଧରେ ସବିଶେଷ ଆଲୋଚନା ପରେ ଅଧ୍ୟକ୍ଷଙ୍କ ନିଷ୍ପତ୍ତି ଅନୁଯାୟୀ ଚଳିତ ମାସ ୨୨ ତାରିଖ ମଧ୍ୟରେ ତ୍ରୁଟି ସମ୍ବନ୍ଧିତ ସମସ୍ତ ରିପୋର୍ଟ କାର୍ଯ୍ୟକ୍ରମ ଅଧିକାରୀ ତଥା ବିଡିଓ ନୟାଗଡ଼ଙ୍କ ନିକଟରେ ଦାଖଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ସେହିଭଳି ୨୦୨୫-୨୬ ଆର୍ଥିକ ବର୍ଷରେ ୧,୪୮,୨୧୬ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ସେଥିରେ ୫୯,୮୦୮ ଶ୍ରମ ଦିବସ ମହିଳାମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଛି। ଏହି ଆର୍ଥିକ ବର୍ଷରେ ମୋଟ ୨୫ ଗୋଟି ପରିବାର ୧୦୦ ଦିନର କାର୍ଯ୍ୟ କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ଅଣକୁଶଳୀ ଶ୍ରମିକ ବାବଦରେ ୪୧୩.୪୭ ଲକ୍ଷ, କୁଶଳୀ ଓ ଅର୍ଦ୍ଧ କୁଶଳୀ ଖର୍ଚ୍ଚ ବାବଦକୁ ୯୭.୧୩ ଲକ୍ଷ, ପ୍ରଶାସନିକ ଖର୍ଚ୍ଚ ବାବଦକୁ ୩.୯୪ ଲକ୍ଷ ଏହିପରି ଭାବରେ ମୋଟ ୫୩୧.୫୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ଯୋଜନାରେ ବିଭିନ୍ନ ପଞ୍ଚାୟତ, ବ୍ଲକ ଓ ବିଭିନ୍ନ ବିଭାଗ ମାଧ୍ୟମରେ ଏଯାବତ ମୋଟ କାର୍ଯ୍ୟକାରୀ ହୋଇଥିବା ୨୩୧୦ ପ୍ରକଳ୍ପ ମଧ୍ୟରୁ ୧୦୩୮ ର କାର୍ଯ୍ୟ ସମାପ୍ତ କରାଯାଇଛି, ୧୨୭୨ ପ୍ରକଳ୍ପର କାର୍ଯ୍ୟ ଚାଲୁଅଛି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ , ବିଡିଓ ଐଶ୍ୱର୍ଯ୍ୟା ଭୂୟାଁ, ଜିଲା ସାମାଜିକ ସମୀକ୍ଷକ ବିଜୟ ନାରାୟଣ ବଳିଆରସିଂ, ବ୍ଲକ୍ ସାମାଜିକ ସମୀକ୍ଷକ ପ୍ରକାଶ କୁମାର ବଳିଆରସିଂ ଓ ଏପିଓ ମିଟନ ମହାପାତ୍ରଙ୍କ ସମେତ ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ, ପିଇଓ, ଏଡିଇଓ, ଭିଆର୍‌ପି, ଜବ୍‌କାର୍ଡଧାରୀ, ଶ୍ରମିକନେତା ଏବଂ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଅଂଶଗ୍ରହଣ କରିଥିଲେ।

# ଜଗନ୍ନାଥପ୍ରସାଦରେ ନିଶାଦ୍ରବ୍ୟର ଅବାଧ କାରବାର

ଖଣ୍ଡପଡ଼ା,୧୮।୪(ଅଜୟ କୁମାର ମହାରଣା)

ଦିନହେଉ ଅବା ରାତି, ନିଶାରେ ମସ୍‌ଗୁଲ ଯୁବକମାନଙ୍କ ଦୌରାତ୍ମ୍ୟରେ ଯାତାୟାତ କରୁଥିବା ଜନସାଧାରଣ ସୁରକ୍ଷିତ ମଣୁନାହାନ୍ତି। ବାଉଡି ମନ୍ଦିର ପରିସରରେ ସଞ୍ଜ ନଇଁଲେ ନିଶାସକ୍ତଙ୍କ ଆଡ୍ଡା ଜମୁଥିବା ବେଳେ ଗ୍ରାମବାସୀଙ୍କ ବାରଣକୁ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି। ଖଣ୍ଡପଡ଼ା ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ଗ୍ରାମରେ ନିଶାଦ୍ରବ୍ୟର ଅବାଧ କାରବାରକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଖଣ୍ଡପଡ଼ା ଓ ବୋଲଗଡ଼ ବ୍ଲକ ସୀମାରେ ଥିବା ଖଣ୍ଡପଡ଼ା ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ଅଞ୍ଚଳ ଏବେ ନିଶା ବେପାରୀଙ୍କ ଆଡ୍ଡାସ୍ଥଳ ପାଲଟିଛି । ପ୍ରତ୍ୟହ ଚୋରାରେ ଦେଶୀମଦ ସମ୍ପୃକ୍ତ ଅଞ୍ଚଳରେ ଖୋଲାଖୋଲି ବିକ୍ରି ହେଉଥିବା ବେଳେ ନିଶାସେବନକାରୀଙ୍କ ପ୍ରଭାବରେ ପରିବାର ଲୋକ ଅତିଷ୍ଠ ହୋଇପଡୁଥିବା ଅଭିଯୋଗ ହେଉଛି।

ଦୀର୍ଘ ବର୍ଷ ଧରି ଉକ୍ତ ଅଞ୍ଚଳରେ ଦେଶୀ, ବିଦେଶୀ ମଦ ସାଙ୍ଗକୁ ଗଞ୍ଜେଇ, ଭାଙ୍ଗ ଓ ଧଳା ଜହରର ଅବାଧ କାରବାର ଖୁଲମ୍‌ଖୁଲା ଚାଲିଥିବା ଜଣାପଡ଼ିଛି। ଗ୍ରାମର ଛକ, ବଜାର, ଗଳିକନ୍ଦି ଓ ଫାଣ୍ଡି ନିକଟରେ ସବୁଠି ଚୋରାରେ ନିଶାଦ୍ରବ୍ୟର ବିକ୍ରିବଟା ହେଉଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଏପରିକି ନିଶା କାରବାରକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବା ନଜର ରହିଛି। ତେବେ ବିଭିନ୍ନ ସମୟରେ ପୋଲିସ ପ୍ରଶାସନ ପକ୍ଷରୁ ଏସବୁ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା କରାଗଲେ ଅନେକାଂଶରେ ନିଶା କାରବାର ସାଙ୍ଗକୁ ସେବନକାରୀଙ୍କ ପ୍ରାଦୁର୍ଭାବରୁ ନିସ୍ତାର ମିଳନ୍ତା ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି। ନିଶାଦ୍ରବ୍ୟର ଅବାଧ କାରବାର ଉପରେ ରୋକ ଲଗାଇବା ଉପରେ ଅବକାରୀ ବିଭାଗ ନତୁବା ପୋଲିସ ପ୍ରଶାସନିକ ଅଧିକାରୀମାନେ କେହି ହେଲେ ଧ୍ୟାନ ଦେଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଗନ୍ନାଥପ୍ରସାଦ ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ଏହାଛଡ଼ା ନିଶା କାରବାରରେ ସମ୍ପୃକ୍ତ ଥିବା କେତେକ ଯୁବକଙ୍କୁ ପୋଲିସ ଧରି ପରବର୍ତ୍ତୀ ସମୟରେ ଛାଡ଼ି ଦେଉଥିବାରୁ ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ।

ପ୍ରକାଶଥାଉ କି, ଜଗନ୍ନାଥପ୍ରସାଦ ଗ୍ରାମଟି ଫତେଗଡ଼ ଥାନା ଅଧୀନରେ ଅବସ୍ଥିତ ହୋଇଥିବା ବେଳେ ଉକ୍ତ ସ୍ଥାନରେ ଦୀର୍ଘବର୍ଷ ଧରି ଏକ ଫାଣ୍ଡି କାର୍ଯ୍ୟ କରୁଛି । ଫାଣ୍ଡି ଅଧିକାରୀ ଓ ସହ କର୍ମଚାରୀମାନେ ଅବାଧ ନିଶାଦ୍ରବ୍ୟ କାରବାର ସମ୍ପର୍କରେ ଅବଗତ ଥିଲେ ହେଁ ସେଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି । ଏଥିପ୍ରତି ଫତେଗଡ଼ ପୋଲିସ କର୍ତ୍ତୃପକ୍ଷ ଓ ଖଣ୍ଡପଡ଼ା ଅବକାରୀ କର୍ମଚାରୀ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଜାମୁସାହି ହାଇସ୍କୁଲ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

ଦଶପଲ୍ଲା, ୧୮।୪ (ପ୍ରକାଶ କୁମାର ପାଣି)


ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଧାରଣା ।

ଦଶପଲ୍ଲା ବ୍ଲକ ଜାମୁସାହି ହାଇସ୍କୁଲ ସମ୍ମୁଖସ୍ଥ ରାସ୍ତାରେ ଶନିବାର ଗ୍ରାମବାସୀ ଧାରଣା ଦେବାରୁ କିଛି ସମୟ ଧରି ସେଠାରେ ଯାତାୟାତରେ ବାଧାସୃଷ୍ଟି ହୋଇଥିଲା। ଉକ୍ତ ଦ୍ୟାଳୟର ହଷ୍ଟେଲରେ ନୂତନ ପିଲାଙ୍କୁ ଆଡିମିସନ କରାଯିବା ସହ ହଷ୍ଟେଲରେ ନୂତନ ପିଲା ରହିବା ପାଇଁ ସୁଯୋଗ ଦେବା ଦାବି ନେଇ ଏହି ଧାରଣା ଦିଆଯାଇଥିବା ଜଣାଯାଇଛି। ପ୍ରକାଶ ଯେ, ଗତ ବର୍ଷ ମଧ୍ୟ ଏହିପରି ସେଠାରେ ଗ୍ରାମବାସୀ ଧାରଣ ଦେଇଥିଲେ। ଶନିବାର ସକାଳ ୬ ଟା ୩୦ରୁ ଏହି ଧାରଣା ଆରମ୍ଭ ହୋଇଥିଲା। ଧାରଣାସ୍ଥଳରେ ସ୍ଥାନୀୟ ବହୁ ଜନସାଧାରଣ ସାମିଲ ହୋଇଥିଲେ। ଏହି ଆନ୍ଦୋଳନ ଖବର ପାଇ ନୟାଗଡ଼ ଶିକ୍ଷା ଜିଲା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଦାବି ବିଷୟରେ ଆଲୋଚନା କରିବା ସହ ଏକ ପ୍ରତିନିଧି ଦଳ ଜିଲା ଶିକ୍ଷା କାର୍ଯ୍ୟାଳୟକୁ ଆସିବାକୁ ମତ ବ୍ୟକ୍ତ କରିଥିଲେ। ଆଲୋଚନା ପରେ ଏହି ସମସ୍ୟାର ସମାଧାନ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ପରେ ଅପରାହ୍ନ ୨ ଟାରେ ଏହି ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାଯାଇଛି।

# ଜିଲା ନୋଡାଲ ଅଫିସରଙ୍କ ନୟାଗଡ଼ ଗସ୍ତ

ନୟାଗଡ଼, ୧୮।୪
(ଲୋକନାଥ ମିଶ୍ର)

**ପରିଦର୍ଶନ କଲେ ଜିଲାର ବିଭିନ୍ନ ସ୍କୁଲ**

ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୋଡାଲ ଅଫିସର ସ୍ମିତା ରାଉତ ନୟାଗଡ଼ ଜିଲା ୩ ଦିବସୀୟ ଗସ୍ତରେ ଆସି ପିଏମ୍‌ଶ୍ରୀ ସ୍କୁଲ, ପ୍ରାଇମେରୀ ସ୍କୁଲ, ଅପର ପ୍ରାଇମେରୀ ସ୍କୁଲ, ଅନୁସୂଚିତ ଜାତି ଓ ଜନଜାତି ବାଳିକା ହଷ୍ଟେଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିବା ସହ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ନୋଡାଲ ଅଫିସର ବୁଧ, ଗୁରୁବାର ଓ ଶୁକ୍ରବାର ୩ଦିନ ଧରି ଜିଲାରେ ରହି ଫେରିଛନ୍ତି। ନୋଡାଲ ଅଫିସର ରଣପୁର ବ୍ଲକ ବେଗୁନିଆପାଟଣା ଅପର ପ୍ରାଇମେରୀ ସ୍କୁଲ, ବି.ସି. ହାଇସ୍କୁଲ ରଣପୁର, ବଳରାମପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରଣପୁର, ଖଣ୍ଡପଡା ବ୍ଲକ ଯୋଗିଆଆପଲ୍ଲୀ ସରକାରୀ ହାଇସ୍କୁଲ, ଉଜୁଳାଙ୍ଗ ପ୍ରାଇମେରୀ ସ୍କୁଲ, ବରପଲ୍ଲୀ ଅପରପ୍ରାଇମେରୀ ସ୍କୁଲ, ଖଳିସାହି ଅପରପ୍ରାଇମେରୀ ସ୍କୁଲ ଓ ଖଣ୍ଡପଡା ଆଦର୍ଶ ବିଦ୍ୟାଳୟ, ଭାପୁର ଆଦର୍ଶ ବିଦ୍ୟାଳୟକୁ ଯାଇ ସ୍ଥିତି ପରଖି ଫେରିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପଦ୍ମିନୀ


@ ଆଶୁତୋଷ


@ ସୁଶାନ୍ତ


@ ସୁଶୀଲ


@ ଶକ୍ତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଗ୍ନି ନିରାପତ୍ତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୧୮।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ମହିଳା ମହାବିଦ୍ୟାଳୟ ପରିସରରେ ଶନିବାର ଅଗ୍ନି ନିରାପତ୍ତା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ୨ ମହିଳା ମହାବିଦ୍ୟାଳୟ ୟୁଥ୍ ରେଡ୍‌କ୍ରସ୍ ଶାଖା ପକ୍ଷରୁ ଏହାର ସୁପରିଚାଳନା କରାଯାଇଥିବା ବେଳେ ଖଣ୍ଡପଡ଼ା ଅଗ୍ନିଶମ ସେବା କେନ୍ଦ୍ର ପକ୍ଷରୁ ପଦାଧିକାରୀ ଓ କର୍ମଚାରୀମାନେ ପୂର୍ବ ସୂଚିତ କାର୍ଯ୍ୟକ୍ରମ ଅନୁଯାୟୀ ପୂର୍ବାହ୍ନ ୮ଟାରେ ପହଞ୍ଚି ଉପସ୍ଥିତ ଶତାଧିକ ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ ତଥା କର୍ମଚାରୀଙ୍କୁ ସଚେତନତା କରିଥିଲେ। ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ୧୪ ରୁ ୨୦ ଏପ୍ରିଲ ମଧ୍ୟରେ ସୁରକ୍ଷିତ ବିଦ୍ୟାଳୟ, ସୁରକ୍ଷିତ ଡାକ୍ତରଖାନା ଏବଂ ଅଗ୍ନି ନିରାପତ୍ତା ପ୍ରତି ସଚେତନ ସମାଜ, ଅଗ୍ନି ନିରାକରଣ ପାଇଁ ଏକତା ସମ୍ପର୍କରେ ଆଲୋକପାତ କରିଥିଲେ। ଭାରପ୍ରାପ୍ତ ଅଧ୍ୟାପକ ଅଜିତ ବସନ୍ତରାୟ, ୟୁଥ୍ ରେଡ୍‌କ୍ରସ୍ ଶାଖା ଉପଦେଷ୍ଟା ଅଧ୍ୟାପିକା ଜାହ୍ନବୀ ପଟ୍ଟନାୟକ. ତୃପ୍ତିପ୍ରିୟା ସେଠୀ, ନିବେଦିତା ପଟ୍ଟନାୟକ, ଝରଣା ସ୍ୱାଇଁ, ଅଧ୍ୟାପକ ବିରଞ୍ଚି କୁମାର ମହାରଣା, ଗ୍ରନ୍ଥାଗାରିକ ସୁରେନ୍ଦ୍ର କୁମାର ଖୁଣ୍ଟିଆ, ବିଭୂତି ଭୂଷଣ ଦେଓ ଓ ଅନ୍ୟ ସହକର୍ମୀମାନେ ଏଥିରେ ସକ୍ରିୟ ସହଯୋଗ କରିଥିଲେ । ଅଗ୍ନି ନିରାପତ୍ତା ନେଇ ଏହି କାର୍ଯ୍ୟକ୍ରମ ଆପଦକାଳୀନ ସମୟରେ ଉପଯୋଗୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଗ୍ୟାସ୍ ଚୁଲାରୁ ନିର୍ଗତ ଆକସ୍ମିକ ଅଗ୍ନି, ପେଟ୍ରୋଲ ଜନିତ ନିଆଁ ବିପଦରୁ ଉଦ୍ଧାର ସମ୍ପର୍କରେ ପ୍ରତ୍ୟକ୍ଷ ଭାବେ ଅଗ୍ନିଶମ କର୍ମଚାରୀମାନେ ପ୍ରଦର୍ଶନ କରିବା ସହ ଛାତ୍ରୀମାନଙ୍କୁ ଏଥିରେ ଅଭ୍ୟସ୍ତ ଓ ସାହସ ରଖିବାକୁ ପ୍ରୟାସ କରିଥିଲେ ।


ଅଗ୍ନି ନିରାପତ୍ତା ସମ୍ପର୍କରେ ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କୁ ସଚେତନ କରାଯାଉଛି।

# ଯୁଗ୍ମ ରାଜ୍ୟ ଟପ୍ପର ହେଲେ ଶ୍ରେୟା ସ୍ମରଣିକା, ଆଶୀର୍ବାଦ

ନୟାଗଡ଼,୧୮।୪(ଲୋକନାଥ ମିଶ୍ର)

**ଆଦର୍ଶ ବିଦ୍ୟାଳୟ ରେଜଲ୍ଟରେ ନୟାଗଡ଼ର ବାଜିମାତ୍**


ଆଶୀର୍ବାଦ ମାର୍ଥା


ଶ୍ରେୟା ସ୍ମରଣିକା

ଏପ୍ରିଲ ୧୫ରେ ସିବିଏସ୍‌ଇ ୨୦୨୬ର ୧୦ମ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ନୋଡରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ଶ୍ରେୟା ସ୍ମରଣିକା ଓ ଆଶୀର୍ବାଦ ମାର୍ଥା ପ୍ରମୁଖ ୯୯.୬୦ପ୍ରତିଶତ ନମ୍ବର ରଖି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଯୁଗ୍ମ ଟପ୍ପର ହୋଇଛନ୍ତି । ସେହିପରି ଉଭୟେ ସିବିଏସ୍‌ଇ ଦଶମ ଶ୍ରେଣୀ ୨୦୨୬ର ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅନୁରୂପ ଭାବେ ଜିଲା ଟପ୍ପର ହୋଇଛନ୍ତି। ଅପରପକ୍ଷେ ସମ୍ପୃକ୍ତ ସ୍କୁଲର ଅନୁକୂଳ ରାଉତ ୯୯.୨୦ ପ୍ରତିଶତ ନମ୍ବର ରଖି ନିଜ ସ୍କୁଲରେ ୨ୟ ସ୍ଥାନରେ ଓ ଅମ୍ରିତା ପ୍ରିୟଦର୍ଶିନୀ ୯୮.୮୦ ପ୍ରତିଶତ ନମ୍ବର ରଖି ଟପ୍ ୩ ର୍‍ୟାଙ୍କରେ ରହିଛନ୍ତି। ଏହି ବିଦ୍ୟାଳୟର ୮୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଶତ ପ୍ରତିଶତ ପାସ୍ କରିଛନ୍ତି। ୯୯ ପ୍ରତିଶତରୁ ଅଧିକ ନମ୍ବର ୩ ଜଣ, ୯୫ରୁ ୯୯ ପ୍ରତିଶତ ୧୭, ୯୦ରୁ ୯୫ ପ୍ରତିଶତ ୧୪, ୮୦ରୁ ୯୦ ପ୍ରତିଶତ ୧୬, ୭୦ରୁ ୮୦ ପ୍ରତିଶତ ୨୨ ଓ ୩୩ ରୁ ୬୦ ପ୍ରତିଶତରେ ୫ଜଣ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ଏନେଇ ନୟାଗଡ଼ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ତ୍ରିଲୋଚନ ଷଡ଼ଙ୍ଗୀ କୁହନ୍ତି, ରାଜ୍ୟ ୩୧୪ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଭିତରେ ଆମ ବିଦ୍ୟାଳୟର ୨ଜଣ ରାଜ୍ୟ ଓ ଜିଲାସ୍ତରୀୟ ଟପ୍ପର ହୋଇଛନ୍ତି। ରାଜ୍ୟରେ ବଲାଙ୍ଗୀରରୁ ଜଣେ, ପୁରୀ ଜଣେ ଓ ନୟାଗଡ଼ ଜିଲାରୁ ୨ଜଣ ଏପରି ମୋଟରେ ୪ଜଣ ଟପ୍ପର ହୋଇଛନ୍ତି। ୨୦୨୧ରେ ଆମ ସ୍କୁଲ ସିବିଏସ୍‌ଇ ୧୦ମ ଶ୍ରେଣୀ ପରୀକ୍ଷାରେ ଭଲ ରେଜଲ୍ଟ କରି ପୁରସ୍କୃତ ହୋଇଥିଲା। ଆମ ସ୍କୁଲ ୨୦୧୬ରେ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ରେକର୍ଡକୁ ଅନୁଧ୍ୟାନକଲେ ୨୦୨୬ ମାଟ୍ରିକ ରେଜଲ୍ଟ ସବୁ ମାଟ୍ରିକ ପରୀକ୍ଷାର ରେଜଲ୍ଟକୁ ପଛରେ ପକାଇ ରେକର୍ଡ କରିଛି ବୋଲି ସେ କହିଛନ୍ତି।

### ବିଳମ୍ବରେ ମିଳିଲା ପରିଶ୍ରମର ଫଳ

ନୟାଗଡ଼ ବ୍ଲକ୍ ଇଟାମାଟିର ଶ୍ରେୟା ସ୍ମରଣିକା କୁହନ୍ତି, ଦଶମ ପରୀକ୍ଷାଫଳ ମୋତେ ଖୁସି କରିପାରି ନ ଥିଲା। ମୁଁ ରାଜ୍ୟରେ ଟପ୍ପର ହେବି ବୋଲି ଆଶା କରିଥିଲି। ହେଲେ ହୋଇ ପାରି ନ ଥିଲି। ପରବର୍ତ୍ତୀ ସମୟରେ ରାଜ୍ୟରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ତରରେ କିନ୍ତୁ ରାଜ୍ୟ ଟପ୍ପର ହୋଇପାରିଛି। ରେଜଲ୍ଟ ପ୍ରକାଶ ପାଇବା ସମୟରେ ମୋର ୯୮.୦୮ ପ୍ରତିଶତ ଥିଲା। ପରେ ଏହା ୯୯.୬୦ପ୍ରତିଶତ ହୋଇଛି। ଓଡ଼ିଆରେ ୧୦୦ରୁ ୯୯ ଓ ଇଂଲିଶରେ ୧୦୦ରୁ ୯୯ ନମ୍ବର ରହିଛି। ଦୁଇଟି ବିଷୟରେ କେବଳ ୨ନମ୍ବର କମିଯିବାରୁ ଶତ ପ୍ରତିଶତ ନମ୍ବର ହୋଇପାରିଲା ନାହିଁ। ବୈଜ୍ଞାନିକ ହେବା ପାଇଁ ଇଚ୍ଛା ରଖି ପାଠ ପଢୁଛି। ସ୍କୁଲକୁ ଯିବା ସମୟରେ ୩ରୁ ୪ ଘଣ୍ଟା ପରିଶ୍ରମ କରୁଥିଲି। ସ୍କୁଲ ଛୁଟି ପରେ ଦିନକୁ ୫ରୁ ୬ ଘଣ୍ଟା ପଢୁଥିଲେ ବୋଲି କହିଛନ୍ତି। ବାପା ନିରଞ୍ଜନ ବିଶ୍ୱାଳ, ମା’ ସିପ୍ରା ବିଶ୍ୱାଳ ଝିଅର ପାଠପଢ଼ାରେ ଖୁସି ବ୍ୟକ୍ତ କରିଛନ୍ତି।

### କେବଳ ୨ ନମ୍ବର କମିଗଲା ଇଂଲିଶରେ

ନୟାଗଡ଼ ସହର ରାଜବଗିଚା ଲେନ୍‌ର ଆଶୀର୍ବାଦ ମାର୍ଥା କୁହନ୍ତି, ମୋର ୯୯ ପ୍ରତିଶତ ନମ୍ବର ରହିବାରୁ ମୁଁ ରାଜ୍ୟ ଟପ୍ପର ହୋଇପାରିଛି। ପୂର୍ବରୁ ନୟାଗଡ଼ ଜିଲା ଟପ୍ପର ବୋଲି ମୋତେ କୁହାଯାଇଥିଲା। ପ୍ରଥମେ ମୋର ୯୯ ପ୍ରତିଶତ ନମ୍ବର ଥିଲା। ପରେ ସଂଶୋଧନ ହୋଇ ୯୯.୬ ପ୍ରତିଶତ ହେବା ପରେ ଜିଲା ଟପ୍ପର ସହ ରାଜ୍ୟ ଟପ୍ପର ହୋଇପାରିଛି। ଜାତୀୟ ସୈନ୍ୟବାହିନୀ ପ୍ରତି ମୋର ଦୁର୍ବଳତା ଥିବାରୁ ଏଥିରେ ଯୋଗଦେବାର ଲକ୍ଷ୍ୟ ରଖିଛି। ଦିନକୁ ୪ରୁ ୫ ଘଣ୍ଟା ପଢୁଥିଲି। ମୋର କେବଳ ଇଂଲିଶରେ ୨ ନମ୍ବର କମିଛି। ଆଉ ସବୁ ବିଷୟରେ ଠିକ୍ ନମ୍ବର ରହିଛି ବୋଲି କହିଛନ୍ତି। ବାପା ନିରଞ୍ଜନ ମାର୍ଥା ଓ ମା’ ସନ୍ଧ୍ୟାରାଣୀ ସ୍ୱାଇଁ ପୁଅର ପାଠପଢ଼ା ପ୍ରତି ଖୁସି ଅନୁଭବ କରିଛନ୍ତି।

